بِسۡمِ اللّٰهِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 49

ବାର୍ଷିକ ଦେୟ : 600/-

02 ଜମାଦିଉସ୍ ସାନି 1446 ହି.କ, 05 ଫତହ୍ 1403 ହି.ଶ, 05 Dec 2024 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَاِذَا رَاَ الَّذِیۡنَ ظَلَمُوا الۡعَذَابَ فَلَا یُخَفَّفُ عَنۡہُمۡ وَلَا ہُمۡ یُنۡظَرُوۡنَ ○

(ଅନ୍ ନହଲ୍ : 86)

ଅନୁବାଦ: ଏବଂ ଯେତେବେଳେ ଅତ୍ୟାଚାରୀମାନେ ଏହି ପ୍ରିତଶୃତି ଶାସ୍ତିକୁ ଦେଖିବେ ସେତେବେଳେ ଏହାକୁ ଅର୍ଥାତ୍ ଏହି ଶାସ୍ତିକୁ ହ୍ରାସ କରାଯିବ ନାହିଁ କି ସେମାନଙ୍କୁ ଅବକାଶ ଦିଆଯିବ ନାହିଁ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

ହ. ସୁହୈବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଏକ ବିଶ୍ୱାସକାରୀର ପ୍ରସଙ୍ଗ ମଧ ବଡ଼ ବିଚିତ୍ର ପ୍ରସଙ୍ଗ ଅଟେ । ବିଶ୍ୱାସକାରୀର ପ୍ରସଙ୍ଗ ସଂପୂର୍ଣ୍ଣ ରୂପେ ପୁଣ୍ୟ ଉପରେ ନିର୍ଭରଶୀଳ ଏବଂ ଏହି ପୁଣ୍ୟ ପ୍ରସଙ୍ଗ ବିଶ୍ୱାସକାରୀ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ମୋମିନ୍ (ବିଶ୍ୱାସକାରୀ ବ୍ୟକ୍ତି)କୁ ଯେତେବେଳେ କୌଣସି ଆନନ୍ଦ ବା ପ୍ରସନ୍ନତା ପ୍ରାପ୍ତ ହୁଏ ସେତେବେଳେ ସେ କୃତଜ୍ଞତା ଜ୍ଞାପନ କରିଥାଏ । ଏହି ଆନନ୍ଦ ହିଁ ତା' ନିମନ୍ତେ ଏକ ପୁଣ୍ୟ ଅଟେ। ଯଦି ବିଶ୍ୱାସକାରୀକୁ କୌଣସି ଦୁଃଖ କିମ୍ବା କଷ୍ଟ ପହଞ୍ଚେ ସେତେବେଳେ ସେ ଧୈର୍ଯ୍ୟ ପ୍ରଦର୍ଶନ କରିଥାଏ । ଏହି ଦୁଃଖ ଓ କଷ୍ଟ ମଧ ତା' ପାଇଁ (ବିଶ୍ୱାସକାରୀ ବ୍ୟକ୍ତି ପାଇଁ) ପୁଣ୍ୟ ଅଟେ । **(ମୁସଲିମ୍, କିତାବୁଜ୍ ଜୁହୋଦ୍ ୱର୍ ରକାଇକି, ବାବୁଲ୍ ମୁମିନି, ଅମ୍ରହୁ କୁଲହୁ ଖୈରି)**

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କୁହନ୍ତି: "ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣ ବାୟୁ ରହିଛି । ଅର୍ଥାତ୍ କୌଣସି ବ୍ୟକ୍ତି ତୁମମାନଙ୍କ ମଧ୍ୟରୁ ସେପର୍ଯ୍ୟନ୍ତ ବିଶ୍ୱାସକାରୀ ବ୍ୟକ୍ତି ବିବେଚିତ ହୋଇ ପାରିବ ନାହିଁ ଯେପର୍ଯ୍ୟନ୍ତ ମୁଁ ସେହି ବିଶ୍ୱାସକାରୀ ବ୍ୟକ୍ତିର ପିତା ଓ ପୁତ୍ର ଠାରୁ ଅତି ପ୍ରିୟ ବୋଲି ବିବେଚିତ ହୋଇ ନାହିଁ । **(ବୁଖାରୀ କିତାବୁଲ୍ ଇମାନ୍, ବାବ୍- ମିନଲ୍ ଇମାନି ଅଇଁ ୟୁହିବ୍ବା ଲଅଖିହି ମା ୟୁହିବ୍ବୁ ଲିନଫସିହି)**

ହ. ଅବ୍ଦୁଲ୍ଲାଃ ବିନ୍ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ତୁମେ ଯେତେବେଳେ ବୈକୁଣ୍ଠର ଉଦ୍ୟାନ ମଧ ଦେଇ ଅତିକ୍ରମ କର ସେତେବେଳେ ଭଲ ଭାବରେ ତହିଁରେ ବିଚରଣ କର । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ରିୟାଜୁଲ୍ ଜନ୍ନାହ୍ (ସ୍ୱର୍ଗୋଦ୍ୟାନ)ରୁ କ'ଣ ଯଥାର୍ଥ ରହିଛି ? ଆପଣ ସ.ଅ କହିଲେ, ସ୍ୱର୍ଗୋଦ୍ୟାନରୁ ଯଥାର୍ଥ ଜ୍ଞାନ ଭିତ୍ତିକ ସଭା ସମିତି ଅଟେ । **(ଅତ୍ ତର୍ଗିବ୍ ୱତ୍ତରହିବ୍ ଲିଲ୍ମୁନ୍ଜରି, କିତାବୁଲ୍ ଇଲ୍ମି, ବାବ-ଅତ୍ତର୍ଗିବୁ ଫି ମଜାଲିସତୁଲ୍ ଉଲମାଇ, 161)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଏହା କସ୍ମିନ କାଳେ ସମ୍ଭବପର ହୋଇପାରିବ ନାହିଁ ଯେ, ଈଶ୍ୱରଙ୍କ ଦ୍ୱାରା ରୋପଣ କରାଯାଇଥିବା ବୃକ୍ଷ ସେହି ପାମର ଅର୍ଥାତ ନୀଚ ଓ ପାପୀ ବ୍ୟକ୍ତିମାନଙ୍କ ଫୁଙ୍କ ଦ୍ୱାରା ମୂଳୋତ୍ପାଟନ କରିଦିଆଯିବ । ଅବତାରମାନଙ୍କର ଈଶ୍ୱରଙ୍କ ପକ୍ଷରୁ ହେବା ଓ ଅବତାରମାନଙ୍କୁ ଚିହ୍ନିବାର ଏହା ହିଁ ଏକମାତ୍ର ନିଦର୍ଶନ ଓ ଲକ୍ଷଣ ଅଟେ । ଅର୍ଥାତ୍ ବିରୋଧୀମାନେ ଉଦ୍ୟମ କରନ୍ତି ଯେ, ଅବତାରମାନେ ନିଶ୍ଚିହ୍ନ ଓ ଧ୍ୱଂସ ହୋଇଯାଆନ୍ତୁ କିନ୍ତୁ ସେମାନେ ବୃଦ୍ଧି କରନ୍ତି ଏବଂ ଉନ୍ନତି କରନ୍ତି ।**

ଅଲ୍ଲାଃତାଲାଙ୍କର ଏହି ପରମ୍ପରା ଜାରି ରହିଛି ଯେ, ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ଆଡ଼କୁ ପାଦ ବଢାଏ ସେହି ବ୍ୟକ୍ତି ନିମନ୍ତେ ଅଲ୍ଲାଃତାଲାଙ୍କ ପକ୍ଷରୁ ପରୀକ୍ଷା ଦେବା ନିହାତି ଆବଶ୍ୟକ । ଅର୍ଥାତ୍ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଅବଶ୍ୟ ପରୀକ୍ଷା କରି ଦେଖନ୍ତି । ଅର୍ଥାତ୍ ସେହି ବ୍ୟକ୍ତି ପକ୍ଷେ ପରୀକ୍ଷା ଦେବା ବିଧେୟ ଅଟେ। ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି: اَحَسِبَ النَّاسُ اَنۡ یُّتۡرَکُوۡۤا اَنۡ یَّقُوۡلُوۡۤا اٰمَنَّا وَ ہُمۡ لَا یُفۡتَنُوۡنَ **(ଅଲ୍ ଅନକବୁତ୍: 3)** ଅର୍ଥାତ୍ କ'ଣ ଏହି ଯୁଗର ଲୋକମାନେ ଏହା ମନେକରୁଛନ୍ତି ଯେ, ସେମାନେ ବିଶ୍ୱାସ କରିଛନ୍ତି ବୋଲି କହିଦେଲେ ଯଥେଷ୍ଟ ହେବ ଓ ସେମାନଙ୍କୁ ଛାଡ଼ି ଦିଆଯିବ ଏବଂ ସେମାନଙ୍କୁ ପରୀକ୍ଷା କରାଯିବ ନାହିଁ ? ସୁତରାଂ ପରୀକ୍ଷା କରିବା ଈଶ୍ୱରଙ୍କ ଅଭ୍ୟାସ ଅଟେ । ତୁମେ ଏହା ଭାବ ନାହିଁ ଯେ, ଆଦୃଷ୍ଟ ବିଷୟ ସଂପର୍କରେ ଜ୍ଞାନ ରଖିଥିବା ପ୍ରଭୁଙ୍କୁ ପରୀକ୍ଷାର କ'ଣ ପାଇଁ ଆବଶ୍ୟକତା ରହିଛି ? ଏହା ତୁମମାନଙ୍କର ନିଜସ୍ୱ ଭ୍ରାନ୍ତ ଧାରଣା ଅଟେ । ଅଲ୍ଲାଃତାଲା ଅଭାବଗ୍ରସ୍ତ ନୁହନ୍ତି। ତାଙ୍କୁ ପରୀକ୍ଷୀ କରିବାର କୌଣସି ଆବଶ୍ୟକତା ନାହିଁ । ମନୁଷ୍ୟ ସ୍ୱୟଂ ଅଭାବଗ୍ରସ୍ତ ଅଟେ । କାରଣ ମନୁଷ୍ୟକୁ ନିଜର ଅବସ୍ଥା ସଂପର୍କରେ କିଛି ଜ୍ଞାତ ନଥାଏ ଏବଂ ତା' ଉପରେ ବିଶ୍ୱାସର ବାସ୍ତବତା ଉନ୍ମୁକ୍ତ ହେଉ। ବିରୋଧାତ୍ମକ ମତାମତ ଶୁଣି ଯଦି ମନୁଷ୍ୟ ପରାଜିତ ହୋଇଯାଏ ତେବେ ଏହା ସ୍ୱୀକାର କରିବାକୁ ପଡ଼େ ଯେ, ମନୁଷ୍ୟ ମଧ୍ୟରେ ଶକ୍ତି ଓ ସାମର୍ଥ୍ୟ ନାହିଁ। ସଂସାରରେ ଯେଉଁଭଳି ଜ୍ଞାନ ଓ କଳାକୌଶଳ ରହିଛି ସେହି ସମସ୍ତ ଜ୍ଞାନ ଏବଂ କଳାକୌଶଳକୁ ପରୀକ୍ଷା ନକରିବା ପର୍ଯ୍ୟନ୍ତ ତାହାକୁ ବ୍ୟକ୍ତି ସହଜରେ ବୁଝି ପାରିବ ନାହିଁ। ମନୁଷ୍ୟର ପରୀକ୍ଷା ଏହିକି ଯେ, ମନୁଷ୍ୟ ବୁଝିନେଉ ଯେ, ମୋର ଅବସ୍ଥା କିପରି ରହିଛି ? ଏହି କାରଣ ରହିଛି ଯେ, ଈଶ୍ୱରଙ୍କ ତରଫରୁ ଆଗତ ଏବଂ ନିଯୁକ୍ତ ଅବତାରମାନଙ୍କର ଅବଶ୍ୟ ଶତ୍ରୁ ଥାଆନ୍ତି । ସେହି ଶତ୍ରୁମାନେ ଈଶ୍ୱରଙ୍କ ଅବତାର ଏବଂ ଭକ୍ତମାନଙ୍କୁ ନିର୍ଯାତନା ଓ କଷ୍ଟ ଦେଇ ଥାଆନ୍ତି । ସେମାନଙ୍କର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥାଆନ୍ତି। ଏପରି ସମୟ ଏବଂ ଏପରି ସ୍ଥିତିରେ ପୁଣ୍ୟସ୍ୱଭାବର ଅଧିକାରୀ ଥିବା ବ୍ୟକ୍ତିମାନେ ହିଁ ନିଜର ଜାଜ୍ୱଲ୍ୟମାନ ବିବେକ ମାଧ୍ୟମରେ ସେହି ଅବତାରମାନଙ୍କର ସତ୍ୟତାକୁ ଗ୍ରହଣ କରି ସେମାନଙ୍କୁ ସ୍ୱୀକାର କରିନେଇ ଥାଆନ୍ତି। ସୁତାରାଂ ଈଶ୍ୱରଙ୍କ ତରଫରୁ ନିଯୁକ୍ତ ହୋଇଥିବା ବିରୋଧୀମାନଙ୍କର (ଶତ୍ରୁମାନଙ୍କର) ଅସ୍ତିତ୍ୱ ମଧ ଏଇଥି ପାଇଁ ନିତାନ୍ତ ଆବଶ୍ୟକ ଅଟେ । ଅବତାର ଏବଂ ବିରୋଧୀମାନଙ୍କର ଅସ୍ତିତ୍ୱ ସେହିପରି ଯେପରିକି ଏକ ଗୋଲାପ ଫୁଲର ଅସ୍ତିତ୍ୱ କଣ୍ଟା ସହିତ ଜଡ଼ିତ ଅଟେ । ଯେପରି ବିଷ ରହିଛି ଠିକ୍ ସେହିପରି ବିଷହର ବା ବିଷ ନାଶକ (ପ୍ରିତିଷେଧକ ବ୍ୟବସ୍ଥା) ଅସ୍ତିତ୍ୱ ମଧ ରହିଛି । ଯଦି ଅବତାରମାନଙ୍କର ଶତ୍ରୁ ନାହାନ୍ତି ତେବେ ମୋତେ ଏପରି କୌଣସି ଅବତାରଙ୍କ ସଂକ୍ରାନ୍ତରେ କୁହନ୍ତୁ (ଦେଖାନ୍ତୁ) ଯେଉଁ ଅବତାରଙ୍କ କୌଣସି ଶତ୍ରୁ ନାହିଁ । ସେହି ଅବତାରମାନଙ୍କୁ ବିରୋଧୀମାନେ ଦୋକାନୀ, ଠକ, ମିଥ୍ୟାବାଦୀ ଓ ପ୍ରବଞ୍ଚକ, ମାୟାବୀ ବୋଲି କହି ନଥିବେ । ହ.ମୁସା ଅ.ସଙ୍କ ଉପରେ ମଧ ମିଥ୍ୟାରଟନା କରାଯାଇଥିଲା। ଏପର୍ଯ୍ୟନ୍ତକି ଜଣେ ଦୁଷ୍ଚରିତ୍ର ଏବଂ ଅପବିତ୍ର ବ୍ୟକ୍ତି ତାଙ୍କୁ ବ୍ୟଭିଚାରୀ ବୋଲି ଦୋଷାରୋପ କଲା ଏବଂ ଏକ ମହିଳାକୁ ଆଣି ଉପସ୍ଥାପିତ କରିଦେଲା । ସୁତରାଂ ସେହି ଅବତାରମାନଙ୍କ ଉପରେ ପ୍ରତ୍ୟେକ ପ୍ରକାରର ମିଥ୍ୟାରଟନା କରାଯାଇଥାଏ । କାରଣ ଲୋକମାନଙ୍କୁ ପରୀକ୍ଷା କରାଯାଉ । ଏହା କସ୍ମିନ୍ କାଳେ ସମ୍ଭବପର ହୋଇପାରିବ ନାହିଁ ଯେ, ଈଶ୍ୱରଙ୍କ ଦ୍ୱାରା ରୋପଣ କରାଯାଇଥିବା ବୃକ୍ଷ ସେହି ପାମର ଅର୍ଥାତ ନୀଚ ଓ ପାପୀ ବ୍ୟକ୍ତିମାନଙ୍କ ଫୁଙ୍କ ଦ୍ୱାରା ମୂଳୋତ୍ପାଟନ କରିଦିଆଯିବ । ଅବତାରମାନଙ୍କର ଈଶ୍ୱରଙ୍କ ପକ୍ଷରୁ ହେବା ଓ ଅବତାରମାନଙ୍କୁ ଚିହ୍ନିବାର ଏହା ହିଁ ଏକମାତ୍ର ଚିହ୍ନ ଓ ନିଦର୍ଶନ ଅଟେ । ଅର୍ଥାତ୍ ବିରୋଧୀମାନେ ଉଦ୍ୟମ କରନ୍ତି ଯେ, ଅବତାରମାନେ ନିଶ୍ଚିହ୍ନ ଓ ଧ୍ୱଂସ ହୋଇଯାଆନ୍ତୁ କିନ୍ତୁ ସେମାନେ ବୃଦ୍ଧି କରନ୍ତି ଏବଂ ଉନ୍ନତି କରନ୍ତି । କିନ୍ତୁ ଯେଉଁ ବୃକ୍ଷ ଅର୍ଥାତ୍ ଅବତାରଙ୍କୁ

ଈଶ୍ୱର ନିଜ ହସ୍ତରୁ ରୋପଣ (ଲଗାଇଛନ୍ତି) କରିଛନ୍ତି (ନିଜର ତରଫରୁ ପ୍ରେରଣ କରିଛନ୍ତି) ସେହି ବୃକ୍ଷ ତଥା ସେହି ଅବତାରମାନେ କୌଣସି ବ୍ୟକ୍ତି ତଥା କୌଣସି ବିରୋଧୀର ପ୍ରଚେଷ୍ଟା ଦ୍ୱାରା କଦାପି ଧ୍ୱଂସ ଏବଂ କ୍ଷୟ ହୋଇ ପାରିବ ନାହିଁ । ସେହି ବିରୋଧୀମାନେ ଈଶ୍ୱରଙ୍କ ଦ୍ୱାରା ରୋପିତ ବୃକ୍ଷକୁ କାଟିବାକୁ ଚାହାନ୍ତି କିନ୍ତୁ ଈଶ୍ୱର ସେହି ବୃକ୍ଷକୁ ବୃଦ୍ଧି କରନ୍ତି । ଉକ୍ତ ବୃକ୍ଷଟି ପ୍ରଭୁଙ୍କ କୃପା ଦ୍ୱାରା ପୋଷିତ ହୋଇ ବୃଦ୍ଧି ପାଇଥାଏ । ତହିଁରୁ ସ୍ପଷ୍ଟ ରୂପେ ଏହା ଜ୍ଞାତ ହୁଏ ଯେ, ଈଶ୍ୱରଙ୍କ ଦୟାମୂଳକ ହସ୍ତ ହିଁ ଅବତାର ଏବଂ ଉକ୍ତ ବୃକ୍ଷକୁ (ଜାବୁଡ଼ି) ଧରି ରଖିଛି । **(ମଲ୍‌ଫୁଜାତ୍, ଭାଗ-2, ପୃ-43, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)** ☆--☆--☆

**ବର୍ତ୍ତମାନ ସମଗ୍ର ବିଶ୍ୱ ଇସଲାମୀୟ ଏକେଶ୍ୱରବାଦକୁ ଆପଣାଉଛି । ମୁସ୍‌ରିକ୍ (ଈଶ୍ୱରଙ୍କ ସହିତ ସମକକ୍ଷ କୁରଥିବା ଲୋକ)ମାନେ ମଧ୍ୟ ସିର୍କ କରିବା ସତ୍ତ୍ୱେ ଏକେଶ୍ୱରବାଦର ଅସ୍ୱୀକାର କରିବାକୁ ଦଃସାହସ କରି ପାରିବେ ନାହିଁ । ସଂସାର ଯେତେ ବିରୋଧ କରୁ ପଛେ ପରିଶେଷରେ ସେହି ଶିକ୍ଷା ହିଁ ସଂସାରରେ ଆଧିପତ୍ୟ ବିସ୍ତାର ବା ଲାଭ କରିବ ଯେଉଁ ଶିକ୍ଷା ହ. ମୁହମ୍ମଦ ସ.ଅ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କିରଥିଲେ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 68ର ବ୍ୟାଖ୍ୟା କରି କୁହନ୍ତି: ଉକ୍ତ ଆୟତ୍‌ରେ اِنَّكَ لَعَلٰى هُدًى مُّسْتَقِيْمٍ ଅଲ୍ଲାଃତାଲା ଏହି ଭବିଷ୍ୟବାଣୀ କରିଦେଇଛନ୍ତି ଯେ, ସଂସାର ପଛେ ଯେତେ ବିରୋଧ ପ୍ରଦର୍ଶନ କରୁ ନା କାହିଁକି ପରିଶେଷରେ ସେହି ଶିକ୍ଷା ହିଁ ସଂସାରରେ ଜୟଯୁକ୍ତ ହେବ ଯେଉଁ ଶିକ୍ଷା ହ. ମୁହମ୍ମଦ ସ.ଅ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ଏବଂ ସମସ୍ତ ଧର୍ମମାନଙ୍କର ଧ୍ୱଜା ଦିନେ ଇସ୍‌ଲାମୀୟ ଧ୍ୱଜା ବିପକ୍ଷରେ ନତମସ୍ତକ ହୋଇଯିବ । ଅତଏବ୍ ଦେଖିନିଅ ! ହ. ମୁହମ୍ମଦ ସ.ଅ ଏକେଶ୍ୱରବାଦର ଧର୍ମବିଶ୍ୱାସ ସଂପର୍କରେ ଯେତେବେଳେ ପ୍ରଚାର କଲେ ସେତେବେଳେ ସଂସାରର କ'ଣ ଅବସ୍ଥା ଥିଲା? ଖ୍ରୀଷ୍ଟିଆନମାନେ 3ଟି ଈଶ୍ୱରଙ୍କୁ ସ୍ୱୀକାର କରୁଥିଲେ। ଜୋରାଷ୍ଟ୍ରୀୟମାନେ ଆଲୋକ ଏବଂ ଅନ୍ଧକାରର 2ଟି ପୃଥକ ପୃଥକ ଦେବତା ବୋଲି ବିଚାର କରୁଥିଲେ । ମଜୁସୀ (ଅଗ୍ନି ପୂଜକ)ମାନେ ଅଗ୍ନି ପୂଜା କରୁଥିଲେ। ପ୍ରତିମା ଏବଂ ପିତୁଳାମାନଙ୍କର ପୂଜାରୀମାନେ ଲାତ୍ ଓ ମନାତ୍‌କୁ ନିଜର ଦେବତା ବୋଲି ବିବେଚନା କରୁଥିଲେ। ସମଗ୍ର ସଂସାର ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଦ୍ୱାରା ପରିପୂର୍ଣ୍ଣ ଥିଲା । କିନ୍ତୁ ଆଜି ଇସ୍‌ଲାମ୍ ଧର୍ମ ପକ୍ଷରୁ ଉପସ୍ଥାପିତ କରାଯାଉଥିବା ଏକେଶ୍ୱରବାଦ ସଂସାର ଉପରେ ଆଧିପତ୍ୟ ବିସ୍ତାର କରି ଚାଲିଛି । କାରଣ ଖ୍ରୀଷ୍ଟିଆନମାନେ ମଧ୍ୟ ନିଜକୁ ଏକେଶ୍ୱରବାଦର ଉପାସକ ବୋଲି କୁହନ୍ତି । ପ୍ରତିମା ପୂଜକମାନେ ମଧ୍ୟ ଏହା ସ୍ୱୀକାର କରନ୍ତି ଯେ, ଈଶ୍ୱର ତ' ଏକ ଅଟନ୍ତି। ଏହି ପ୍ରତିମାଗୁଡ଼ିକ କେବଳ ଏକ ମାଧ୍ୟମ ଅଟନ୍ତି । ଏହି ପ୍ରତିମା ବା ଦେବତାମାନଙ୍କ ମାଧ୍ୟମରେ ପରମେଶ୍ୱରଙ୍କ ଦରବାର ପର୍ଯ୍ୟନ୍ତ ମନୁଷ୍ୟ ପହଞ୍ଚି ପାରିବ ବୋଲି ସେମାନଙ୍କର ଧାରଣା ରହିଥିଲା। କିନ୍ତୁ ଇସ୍‌ଲାମ୍ ଧର୍ମ ଯେତେବେଳେ ଏହି ଦାବି ଉପସ୍ଥାପିତ କରିଥିଲା ଯେ, ଈଶ୍ୱର ଏକ ଅଟନ୍ତି ସେତେବେଳେ ମକ୍କାବାସୀମାନଙ୍କୁ ଉକ୍ତ ଦାବି ଯୋଗୁଁ ଆଶ୍ଚର୍ଯ୍ୟ ଏବଂ ଅଚମ୍ବିତ ହୋଇଥିଲେ । ସେମାନେ ଏହା କହିବାରୁ ଆରମ୍ଭ କରିଦେଇଥିଲେ ଯେ, اَجَعَلَ الْاٰلِهَةَ اِلٰهًا وَّاحِدًا اِنَّ هٰذَا لَشَيْءٌ عُجَابٌ **(ଅସ୍ ସ୍ୱାଦ୍: 6)** ଅର୍ଥାତ୍ କ'ଣ ସେ ଅନେକ ଉପାସ୍ୟଙ୍କୁ ଗୋଟିଏ ଉପାସ୍ୟରେ ପରିଣତ କରିଛନ୍ତି ? ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ । ଆମେମାନେ ଏହି ପ୍ରକାରର ବିଷୟ ସଂପର୍କରେ ନିଜର ପୂର୍ବବର୍ତ୍ତୀ ସଂପ୍ରଦାୟ ମଧ୍ୟରେ କେବେ ଶୁଣି ନାହୁଁ । ଅର୍ଥାତ୍ ସେମାନେ ଏହା ଭାବିଲେ ଯେ, ଅନେକ ଉପାସ୍ୟ ଦେବତାମାନେ ରହିଛନ୍ତି । କିନ୍ତୁ ଏହି ବ୍ୟକ୍ତି ଯେକି ଈଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ବୋଲି କହୁଛି ସମ୍ଭବତଃ ସେ ସମସ୍ତ ଉପାସ୍ୟଦେବତାମାନଙ୍କୁ କର୍ତ୍ତନ (କାଟି) ଗୋଟିଏ ଉପାସ୍ୟ ଦେବତାରେ ପରିଣତ କରିଦେଇଛି । କିନ୍ତୁ ବର୍ତ୍ତମାନେ ସମଗ୍ର ବିଶ୍ୱ ଇସ୍‌ଲାମୀୟ ଏକେଶ୍ୱବାଦକୁ ଆପଣାଉଛି ଏବଂ ମୁସରିକ୍ ଜାତିମାନେ ମଧ୍ୟ ସିର୍କ କରିବା ସତ୍ତ୍ୱେ ଏକେଶ୍ୱରବାଦ ସଂକ୍ରାନ୍ତରେ ଅସ୍ୱୀକାର କରିବାକୁ ଦୁଃସାହସ କରି ପାରିବ ନାହିଁ । ଏହି ଅବସ୍ଥା ଅନ୍ୟ ସମସ୍ୟାମାନଙ୍କର ମଧ୍ୟ ରହିଛି । ଇଉରୋପବାସୀ ଓ ଖ୍ରୀଷ୍ଟିଆନ୍‌ମାନେ ଦୀର୍ଘ କାଳ ପର୍ଯ୍ୟନ୍ତ ଇସ୍‌ଲାମୀୟ ସମସ୍ୟା ଉପରେ ଆପତ୍ତି କରୁଥିଲେ । ପୂର୍ବେ ଯେଉଁ କଥାକୁ ଇସ୍‌ଲାମ୍ ଧର୍ମ ବିରୁଦ୍ଧୀୟ ବୋଲି ମନେ କରାଯାଉଥିଲା କିନ୍ତୁ ସେହି କଥାକୁ ବର୍ତ୍ତମାନ ଇସ୍‌ଲାମ୍ ଧର୍ମର ସତ୍ୟତାର ପ୍ରମାଣ ରୂପେ ସ୍ୱୀକାର କରାଯିବାକୁ ଲାଗିଲାଣି । ବର୍ତ୍ତମାନ ଶିକ୍ଷିତ ଏବଂ ଉଚ୍ଚ ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ସେହି କଥା ଯାହାକି ଇସ୍‌ଲାମ୍ ଧର୍ମ ବିରୁଦ୍ଧୀୟ ବୋଲି ମନେକରାଉଥିଲା ତାହା ସତ୍ୟତାର ପ୍ରମାଣ ସ୍ୱରୂପେ ସ୍ୱୀକାର କରାଯିବାକୁ ଲାଗିଲାଣି ।

ହୁଜୁର ର.ଅ କହିଲେ, ମୁଁ ଯେତେବେଳେ ନିଜର ଚିକିତ୍ସା ନିମନ୍ତେ ଲଣ୍ଡନ ଗଲି ସେତେବେଳେ ସେଠାରେ ପହଞ୍ଚିବାର କିଛି ଦିନ ପୂର୍ବେ ସେଠାକାର ଜଣେ ବିଖ୍ୟାତ ସଂଗୀତଜ୍ଞ ଯେକି ଲଣ୍ଡନର ଜଣେ ସବୁଠୁ ବଡ଼ ଅପେରା (ଗୀତିନାଟ୍ୟ)ରେ କାମ କରୁଥିଲା ଏବଂ ପିଆନୋ (ଏକ ପ୍ରକାରର ବାଦ୍ୟ ଯହିଁରୁ ସଂଗୀତର ସୁମଧୁର ସ୍ୱର ଆଙ୍ଗୁଠି ଦ୍ୱାରା ଚିପିଲେ ବାହାରିଥାଏ।) ଇତ୍ୟାଦି ବାଦ୍ୟଯନ୍ତ୍ର ବଜାଉଥିଲା । ସେହି ବ୍ୟକ୍ତି ମନରେ ଇସ୍‌ଲାମ୍ ଧର୍ମ ପ୍ରତି ଅଗ୍ରହ ବା ରୁଚି ସୃଷ୍ଟିହେଲା । ମୋତେ ସେଠାକାର ମୁବଲ୍ଲିଗିନମାନେ କହିଲେ, ହୁଜୁର ! ଉକ୍ତ ବ୍ୟକ୍ତିର ଇସ୍‌ଲାମ୍ ଧର୍ମ ପ୍ରତି ଥିବା ଆଗ୍ରହ ବା ଅଭିରୁଚି ଅଦ୍ଭୁତ କାରଣ ରହିଛି । ଉକ୍ତ କାରଣଟି ଅନ୍ୟ କାରଣମାନଙ୍କ ଅପେକ୍ଷା ସଂପୂର୍ଣ୍ଣ ବିପରୀତ ଅଟେ । ତହିଁରୁ ଏହା ଜ୍ଞାତ ହୁଏ ଯେ, କିଭଳି ଅଲ୍ଲାଃତାଲା ସେହି ଲୋକମାନଙ୍କର ମନ ମସ୍ତିଷ୍କରେ ପରିବର୍ତ୍ତନ ସୃଷ୍ଟି କରୁଛନ୍ତି ।

ଏପରି ମଧ୍ୟ ଯୁଗ ଥିଲା ଯେ, ଇସ୍‌ଲାମ୍ ଧର୍ମରେ ବହୁ ବିବାହ ପ୍ରଥାକୁ ବାଧା ଏବଂ ପ୍ରତିରୋଧ ସମସ୍ୟା ବୋଲି ମନେକରାଯାଉଥିଲା । ଇଉରୋପବାସୀମାନେ କହୁଥିଲେ ଯେ, ଗୋଟିଏ ପତ୍ନି ବ୍ୟତୀତ ଏକାଧିକ ପତ୍ନି ରଖିବା ବହୁତ ବଡ଼ ଅନ୍ୟାୟ ଅଟେ । କିନ୍ତୁ ବର୍ତ୍ତମାନ ଏପରି ପରିସ୍ଥିତି ହୋଇଯାଇଛି ଯେ, ଯେତେବେଳେ ସେହି ସଂଗୀତଜ୍ଞ ତଥା ସଂଗୀତ ବାଦକ ମନରେ ଇସ୍‌ଲାମ୍ ଧର୍ମ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତା ସୃଷ୍ଟି ହେଲା ସେତେବେଳେ ସେ କେତେକ ଲୋକମାନଙ୍କ ପାଖକୁ ଗଲା ଏବଂ ସେ ସେମାନଙ୍କୁ ପଚାରିଲା ଯେ, ହେ ଲୋକମାନେ ଇସ୍‌ଲାମ୍ ଧର୍ମର ବହୁ ପତ୍ନି ବିବାହ ସଂପର୍କରେ ଆପଣମାନଙ୍କର କ'ଣ ମତାମତ ରହିଛି ? ଏହାପରେ ସେ ଅନ୍ୟ ମୁସଲମାନମାନଙ୍କୁ ପଚାରିଲା ଯେ, ଭାଇମାନେ ଇସ୍‌ଲାମ୍ ଧର୍ମରେ ଯେଉଁ ବହୁ ପତ୍ନି ବିବାହ ପ୍ରଥା ରହିଛି ସେଥି ସଂପର୍କରେ ଆପଣମମାନଙ୍କର କ'ଣ ମତାମତ ରହିଛି ? ସେମାନେ ଉତ୍ତର ଦେଇ କହିଲେ, ତୌବା ତୌବା (ଛି ଛି) ଏହି କଥା ତ' ଶତ୍ରୁମାନଙ୍କ ପକ୍ଷରୁ ବିକୃତ କରି ଉପସ୍ଥାପିତ କରାଯାଇଥାଏ ।

ଇସ୍‌ଲାମ୍ ଧର୍ମରେ ଏପରି କୌଣସି ଆଦେଶ ନାହିଁ । ଏପରି ଅନୁମତି ବିଶେଷ ପରିସ୍ଥିତି, ସର୍ତ୍ତ, ବାଧ୍ୟ ବାଧକତା ଏବଂ କଟକଣା ସହିତ ପ୍ରଦାନ କରାଯାଇଛି। ସେହି ସଂଗୀତଜ୍ଞ ତଥା ବାଦ୍ୟ ବାଦକ କହିଲା, ହୁଜୁର! ସେହି ଲୋକମାନେ ମୋତେ ଯେତେବେଳେ ଏହି ଉତ୍ତର ଦେଲେ ସେତେବେଳେ ମୁଁ ତୁରନ୍ତ ଛିଡ଼ା ହୋଇ ପଡ଼ିଲି । ମୁଁ କହିଲି କି ମୋତେ ଇସ୍‌ଲାମ୍ ଧର୍ମରେ ଏହି ବିଶେଷତା ଦୃଶ୍ୟମାନ ହୋଇଛି । ଆଉ ତୁମେମାନେ କହୁଛି କି ଏହି ବହୁ ପତ୍ନି ବିବାହ ସହିତ କେତେକ ପ୍ରକାରର ନିର୍ଦ୍ଦିଷ୍ଟ ସର୍ତ୍ତ ଏବଂ ନୀତି ନିୟମ ରହିଛି । ମୁଁ ତ' ସେହି ଆଡ଼କୁ ଯିବାକୁ ଚାହୁଁଛି ଯେଉଁଠି ମୋତେ ସିଧା ସିଧା ଓ ସ୍ପଷ୍ଟ କଥା କୁହାଯିବ ଯେ, ଇସ୍‌ଲାମ୍ ଧର୍ମ ବହୁ ପତ୍ନି ବିବାହ ସଂପର୍କରେ ଅନୁମତି ପ୍ରଦାନ କରେ ।

ସୁତରାଂ ଏତଦ୍‌ପରେ ସେହି ପିଆନୋ ବାଦକ ମୋ ନିକଟ (ଖଲିଫା ସାନି ର.ଅଙ୍କ ନିକଟ)କୁ ଆସିଲା ଏବଂ ସେ ପଚାରିଲା ଯେ, ମହର୍ଷି ମାନ୍ୟବର ! ଏଥି ସଂକ୍ରାନ୍ତରେ ଅର୍ଥାତ୍ ବହୁ ପତ୍ନି ବିବାହ ସଂକ୍ରାନ୍ତରେ ଇସ୍‌ଲାମ୍ ଧର୍ମର କେଉଁସବୁ ଆଦଶାବଳୀ ରହିଛି ? ଆମ ମୁବଲ୍ଲିଗିନ୍‌ମାନେ କହିଲେ ଯେ, ଇସ୍‌ଲାମ୍ ଧର୍ମ ଏକ ପତ୍ନି ବ୍ୟତୀତ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପତ୍ନି ସହିତ ବିବାହ କରିବାକୁ (ବହୁ ପତ୍ନି ବିବାହ) କରିବାକୁ ଅନୁମିତ ପ୍ରଦାନ କରିଥାଏ । କିନ୍ତୁ ତତ୍‌ସହିତ ଇସ୍‌ଲାମ୍ ଧର୍ମ ଏହା ମଧ୍ୟ କହିଛି ଯେ, ତୁମେମାନେ ନ୍ୟାୟବାଦୀ ଓ ନ୍ୟାୟକୁ ବିନିଯୋଗ କରି ପ୍ରତ୍ୟେକ ପତ୍ନିର କର୍ତ୍ତବ୍ୟ ତଥା ଅଧିକାର ସମ୍ପାଦନ କର । ସେହି ବ୍ୟକ୍ତି କହିବାକୁ ଲାଗିଲା ଯେ, ଏକଥା ଯୁକ୍ତିଯୁକ୍ତ ଅଟ ଓ ମୋର ବୁଦ୍ଧି ଏବଂ ବିବେକ ଉକ୍ତ କଥାକୁ ସ୍ୱୀକାର କରିଥାଏ । ମୁଁ ଭାବୁଛି ଯେ, ଇଉରୋପବାସୀ ଉକ୍ତ ଶିକ୍ଷାକୁ ପରିତ୍ୟାଗ କରି ଅନେକ କିଛି ହରାଇ ବସିଛନ୍ତି ଓ କ୍ଷତି ସହ୍ୟ କରିଛନ୍ତି। ଆମେମାନେ ନିଜର ଚରିତ୍ରକୁ ପରିବର୍ତ୍ତନ କରିନେଇଛୁ ଓ କୁଚରିତ୍ରକୁ ଆପଣାଇ ନେଇଛୁ । ସୁତରାଂ ବର୍ତ୍ତମାନ ମୁଁ ଆପଣଙ୍କ ନିକଟକୁ ଆସିବି । ସୁତରାଂ ସେହି (ସଂଗୀତ ବାଦକ ବ୍ୟକ୍ତି) ମୋତେ **(ଅବଶିଷ୍ଟାଂଶ....ପୃ-10ରେ)**

## 129ତମ ଜଲ୍‌ସା ସାଲାନା କାଦିୟାନ୍, ତା-27, 28, 29 ଡିସେମ୍ବର, 2024 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 129 ତମ ଜଲ୍‌ସା ସାଲାନା କାଦିୟାନ୍ 2024 ମସିହା ନିମନ୍ତେ ତା-27, 28, 29 ଡିସେମ୍ବର 2024 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଧାର୍ଯ୍ୟ) କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ବନୁ କୁରୈଜା ସଂପ୍ରଦାୟର ବନ୍ଦୀ ହୋଇଥିବା ମହିଳାମାନଙ୍କୁ ବଣ୍ଟାଗଲା । ଇତ୍ୟବସରରେ ଆଁହଜରତ ସ.ଅ ଏପରି ଏକ ଆଦେଶ ଦେଲେ ଯାହାକି ଆପଣ ସ.ଅଙ୍କ ଅସୀମ ଦୟା ଓ ନାରୀମାନଙ୍କ ପ୍ରତି ପୋରପକାରୀମୂଳକ ଦୟା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ଉଚିତ୍ । ଆପଣ ସ.ଅ କହିଲେ, ଯେଉଁ ମହିଳା ବା ନାରୀକୁ ବଣ୍ଟାଯିବ କିମ୍ବା ବିକ୍ରି କରାଯିବ ଯଦି ତା' ସହିତ ତା'ର ପୁତ୍ର ସନ୍ତାନ କିମ୍ବା ଶିଶୁକନ୍ୟା ଥାଏ ତେବେ ଯେପର୍ଯ୍ୟନ୍ତ ସେହି ସନ୍ତାନ ଏବଂ କନ୍ୟା ସାବାଳକ/ସାବାଳିକା ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସନ୍ତାନକୁ ତା' ମା ଠାରୁ ପୃଥକ୍ କରା ନଯାଉ । ସେହିପରି ଯଦି ଦୁଇ ଜଣ ସାନ ଭଉଣୀ ଥାଆନ୍ତି ତେବେ ସେମାନଙ୍କୁ ମଧ୍ୟ ସାବାଳିକା ହେବା ପର୍ଯ୍ୟନ୍ତ ପରସ୍ପର ଠାରୁ ପୃଥକ କରା ନଯାଉ ।

ୱସ୍ ସଂପ୍ରଦାୟ ପକ୍ଷରୁ ବନୁ କୁରୈଜା ସଂପ୍ରଦାୟର ସୁପାରିଶ ଶୁଣିବା ପରେ ହ. ସାଆଦ୍ ର.ଅ କହିଲେ, ବର୍ତ୍ତମାନ ସମୟ ଆସି ଯାଇଛି ଯେ, ମୁଁ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ କୌଣସି ନିନ୍ଦୁକ ବ୍ୟକ୍ତିର ଅପନିନ୍ଦାକୁ ଭୃକ୍ଷେପ କରିବି ନାହିଁ ।

ବନୁ କୁରୈଜା ସଂପ୍ରଦାୟ ସଂକ୍ରାନ୍ତରେ ମୀମାଂସା (ନିଷ୍ପତ୍ତି ବା ନିର୍ଣ୍ଣ) କରିବା ନିମନ୍ତେ ହ. ସାଆଦ୍ ର.ଅଙ୍କ ଆଗମନ କ୍ରମେ ରସୁଲୁଲ୍ଲାଃ କହିଲେ, ନିଜର ଅଧିପତିମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି ଛିଡ଼ା ହୋଇଯାଅ । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ କହିଲେ, ନିଜର ସର୍ବୋତ୍ତମ ବ୍ୟକ୍ତି ନିମନ୍ତେ ଛିଡ଼ା ହୋଇଯାଅ ।

ହ. ସାଆଦ୍ ର.ଅ ବନୁ କୁରୈଜା ସଂପ୍ରଦାୟ ସଂକ୍ରାନ୍ତରେ କହିଲେ, ମୁଁ ସେମାନଙ୍କ ସଂପର୍କରେ ଏହି ମୀମାଂସା ତଥା ରାୟ ଦେଉଛି ଯେ, ସେମାନଙ୍କର ବୟସ୍କ ବ୍ୟକ୍ତିମାନଙ୍କୁ ସଂହାର କରିଦିଆଯାଉ । ମହିଳା ଏବଂ ସନ୍ତାନ ସନ୍ତତିଙ୍କୁ ବନ୍ଦୀ କରିନିଆଯାଉ । ଧନ ସମ୍ପତ୍ତିକୁ ବାଣ୍ଟି ଦିଆଯାଉ । ଘରଗୁଡ଼ିକୁ ପ୍ରବାସକାରୀମାନଙ୍କୁ ଦେଇ ଦିଆଯାଉ । ଅନ୍‌ସାରମାନଙ୍କୁ ଘର ଦିଆ ନଯାଉ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାଆଦ୍ ! ତୁମର ମୀମାଂସ ବା ତୁମର ନିର୍ଣ୍ଣୟ ଅଲ୍ଲାଃତାଲାଙ୍କ ସେହି ମୀମାଂସା ଅନୁଯାୟୀ ଅଟେ ଯେଉଁ ମୀମାଂସା ଅଲ୍ଲାଃତାଲା ସପ୍ତମ ଆକାଶରେ କରିଛନ୍ତି ।
ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଏହି ମୀମାଂସା ବା ନିର୍ଣ୍ଣୟ ସଂକ୍ରାନ୍ତରେ ମୋତେ ଦେବଦୂତମାନେ ସେହ୍‌ରୀ (ପ୍ରତ୍ୟୁଷ) ସମୟରେ କହିଥିଲେ ।

ବନୁ କୁରୈଜା ସଂପ୍ରଦାୟ ସହିତ ଯୁଦ୍ଧର ପରିସମାପ୍ତି ପରେ ବନୁ କୁରୈଜା ସଂପ୍ରଦାୟର ଶାସ୍ତି ସଂପର୍କରେ ସିରତ୍ ଖାତମୁନ୍ ନବୀୟିନ୍‌ର ପ୍ରାମାଣ୍ୟ ମଧ୍ୟରୁ ବ୍ୟାପକ ଓ ସମାଲୋଚନାତ୍ମକ ସମୀକ୍ଷା ତଥା ନ୍ୟାୟ ବିଚାର ।

**25 OCTOBER 2024 ମସିହା ଅନୁଯାୟୀ ୨୫ ଇଖା ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଜିକାଲି ଖୁତ୍‌ବାରେ ଅହ୍‌ଜାବ୍ ଯୁଦ୍ଧରେ ବନୁ କୁରୈଜା ସଂପ୍ରଦାୟ ନିଜର ଅଙ୍ଗୀକାର ଭଙ୍ଗ କରିବା ଏବଂ ଅହଜାବ୍ ଯୁଦ୍ଧ ପରେ ସେହି ଦୁର୍ଗମାନଙ୍କର ଘେରାଉ କରିବା ସଂପର୍କରେ ଚର୍ଚ୍ଚା ଜାରି ରହିଛି । ବନୁ କୁରୈଜା ସଂପ୍ରଦାୟକୁ ଏଇଥି ପାଇଁ ଶାସ୍ତି ଦିଆଯିବା ଆବଶ୍ୟକ ଥିଲା ଯେ, ବନୁ କୁରୈଜା ସଂପ୍ରଦାୟ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇଥିଲେ ଏବଂ ଅଙ୍ଗୀକାର ଭଙ୍ଗ କରିଥିଲେ ତେଣୁ ସେମାନଙ୍କୁ ଶାସ୍ତି ଦିଆଯାଉ ।

ଉକ୍ତ ଘଟଣାର ସବିଶେଷ ବିବରଣୀ ଏହିପରି ଯେ, ଯେତେବେଳେ ଭୀଷଣ ଘେରାଉ ହୋଇାଗଲା ସେତେବେଳେ ବନୁ କୁରୈଜା ସଂପ୍ରଦାୟ ରସୁଲୁଲ୍ଲାଃ ସ.ଅଙ୍କ ନିଷ୍ପତ୍ତି କ୍ରମେ ଦୁର୍ଗ ମଧ୍ୟରୁ ତଳକୁ ଓହ୍ଲାଇ ଆସିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଣାଦ୍, ଭାଗ-5, ପୃ-09, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993)**

ବନୁ କୁରୈଜା ସଂପ୍ରଦାୟର ଘେରାଉ କେତେ ଦିନ ପର୍ଯ୍ୟନ୍ତ ରହିଲା ଏଥି ସଂକ୍ରାନ୍ତରେ ବିଭିନ୍ନ ବର୍ଣ୍ଣନାମାନ ରହିଛି । କେତେକ ବର୍ଣ୍ଣନା 10 ଦିନର ରହିଛି ତ' ଆଉ କେତେକ ବର୍ଣ୍ଣନା 15 ଦିନ, ପୁନଶ୍ଚ କେତେକ ବର୍ଣ୍ଣନା 14 ଦିନ ତ'ଣ ଆଉ କେତେକ ବର୍ଣ୍ଣନା 25 ଦିନ ବୋଲି ବର୍ଣ୍ଣନା କରାଯାଇଥାଏ । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-57,59, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-1990 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଣାଦ୍, ଭାଗ-5, ପୃ-09, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ବିଭିନ୍ନ ଇତିହାସର ବର୍ଣ୍ଣନାରୁ ଆହରଣ କରି ଏହା ବର୍ଣ୍ଣନା କରିଛନ୍ତି ଯେ, ଏହି ଘେରାଉର ଅବଧି ପ୍ରାୟ 20 ଦିନ ଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-599ରୁ ଉଦ୍ଧୃତ)**

ଉକ୍ତ ନିଷ୍ପତ୍ତି ତଥା ମୀମାଂସାରେ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କୁ ବିଚାରକ ରୂପେ ନିଯୁକ୍ତ କରାଯାଇଥିଲା । ଏହାର ବିସ୍ତୃତ ବିବରଣୀ ଏହିପରି ଯେ, ରସୁଲୁଲ୍ଲାଃ ସ.ଅ ଇହୁଦୀମାନଙ୍କୁ ବନ୍ଦୀ କରିବାର ଆଦେଶ ଯେତେବେଳେ ଦେଲେ ସେତେବେଳେ ସେହି ବନ୍ଦୀମାନଙ୍କୁ ପଘା (ଦଉଡ଼ି) ସାହାଯ୍ୟରେ ବାନ୍ଧି ଦିଆଗଲା । ଉକ୍ତ କାର୍ଯ୍ୟର ନିରୀକ୍ଷଣ ଓ ତଦାରଖ ହ. ମୁହମ୍ମଦ ବିନ୍ ମୁସଲ୍ଲମା କଲେ । ମହିଳା ଓ ଛୋଟ ପିଲାମାନଙ୍କୁ ଦୁର୍ଗ ମଧ୍ୟରୁ ବାହାରକୁ ବାହାର କଲେ ଏବଂ ସେମାନଙ୍କୁ ମଧ୍ୟ ଗୋଟିଏ ପାର୍ଶ୍ୱରେ କରିଦେଲେ ସେମାନଙ୍କ ଉପରେ ହ. ଅବ୍‌ଦୁଲ୍ଲାଃ ବିନ୍ ସଲାମ୍ ର.ଅଙ୍କୁ ନୀରିକ୍ଷକ ରୂପେ ନିଯୁକ୍ତ କଲେ । ସେମାନଙ୍କ ଦୁର୍ଗ ମଧ୍ୟରେ ଯାହା କିଛି ରହିଥିଲା। ଉଦାହରଣ ସ୍ୱରୂପ ଅସ୍ତ୍ରଶସ୍ତ୍ର, ଜିନିଷ ପତ୍ର, ବସ୍ତ୍ର ପୋଷାକ ଇତ୍ୟାଦି ଏକତ୍ରିତ କରି ଦିଆଗଲା । ତାଙ୍କୁ ସେଠାରେ 1500 ଖଡ଼ଗ, 300 ଲୌହ କବଚ ପୋଷାକ, ଦୁଇ ହଜାର ବର୍ଚ୍ଛା, 1500 ଚମଡ଼ାର ଢାଲ ଓ ଅନେକ ଜିନଷ ପତ୍ର ପ୍ରାପ୍ତ ହେଲା । ଅନେକ ବାସନ କୁସନ, ମଦ, ମଦ ମାଠିଆ, ମାଦକ ଦ୍ରବ୍ୟ ମିଳିଲା । ସେହି ମଦ ମାଠିଆକୁ ଢାଳି ଦିଅଗଲା । ଅନେକ ଓଟ ଓ ଅନେକ ଜୀବମାନେ ମଧ୍ୟ ମିଳିଲେ। ଏହି ସମସ୍ତଙ୍କୁ ଏକତ୍ରିତ କରିଦିଆଗଲା । ୱସ୍ ସଂପ୍ରଦାୟର ସମ୍ମାନିତ ପ୍ରତିଷ୍ଠିତ ବ୍ୟକ୍ତିମାନେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବନୁ କୁରୈଜା ସଂପ୍ରାଦୟ ଆମ ସଂପ୍ରଦାୟର ମିତ୍ର ଅଟନ୍ତି। ଶପଥ ଭଙ୍ଗ ଯୋଗୁଁ ଆମ ସଂପ୍ରାଦୟର ମିତ୍ରମାନେ ମଧ୍ୟ ଅନୁତପ୍ତ ଓ ଚିନ୍ତିତ ଅଟନ୍ତି । ଅତଏବ୍ ସେମାନଙ୍କୁ ଆମ ସକାଶେ ଦୟାକରି ଛାଡ଼ି ଦିଅନ୍ତୁ ଓ କ୍ଷମା କରି ଦିଅନ୍ତୁ । ରୁସୁଲ୍ଲାଃ ସ.ଅ ନିରବ ବସି ରହିଥିଲେ । ଏପର୍ଯ୍ୟନ୍ତକି ୱସ୍ ସଂପ୍ରାଦୟର ହଠ ବଢିବାକୁ ଲାଗିଲା । ୱସ୍ ସଂପ୍ରଦାୟର ସମସ୍ତ ଲୋକମାନେ ଚାଲି ଆସିଲେ ଏବଂ ଅନୁରୋଧ କରିବାକୁ ଲାଗିଲେ ଯେ, ହେ ମୁହମ୍ମଦ ସ.ଅ ! ଆମକୁ କ୍ଷମା କରି ଦିଅନ୍ତୁ ଓ ଆମମାନଙ୍କୁ ଛାଡ଼ି ଦିଅନ୍ତୁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାମାନେ ! କ'ଣ ତୁମେମାନେ ମୋର ଉକ୍ତ କଥା ଉପରେ ରାଜି ଅଛ ଯେ, ସେମାନଙ୍କ ସଂକ୍ରାନ୍ତରେ ମୀମାଂସା ତଥା ନିର୍ଣ୍ଣ କରିବାରେ ତୁମମାନଙ୍କ ମଧ୍ୟରୁ ହିଁ ଜଣେ ବ୍ୟକ୍ତି ସେମାନଙ୍କୁ ହସ୍ତାନ୍ତରିତ କିରଦିଆଯାଉ ? ସମସ୍ତେ କହିଲେ, ଅବଶ୍ୟ ହେ ଅଲ୍ଲାଃଙ୍କ ବାର୍ତ୍ତାବହ । ଆପଣ ସ.ଅ କହିଲେ, ଉକ୍ତ ପ୍ରସଙ୍ଗ ଏବଂ ଉକ୍ତ ଦାୟିତ୍ୱଟି ସାଆଦି ବିନ୍ ମୁଆଜ୍ ର.ଅଙ୍କ ଉପରେ ନ୍ୟସ୍ତ କରାଯାଉ ।

ଉପରୋକ୍ତ ଘଟଣାଟି ଅନ୍ୟ ଏକ ହଦିସ୍‌ରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ହେ ୱସ୍ ସଂପ୍ରଦାୟ ! ମୀମାଂସ ବା ନ୍ୟାୟ ନିମନ୍ତେ ତୁମେମାନେ ମୋ ସାହାବାମାନଙ୍କ ମଧ୍ୟରୁ ଯାହାକୁ ଚାହୁଁଛ ତାହାକୁ ଚୟନ (ବାଛି) କରିନିଅ । ପ୍ରତ୍ୟୁତ୍ତରରେ ସେମାନେ ଅର୍ଥାତ୍ ୱସ୍ ସଂପ୍ରଦାୟର ଲୋକମାନେ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କୁ ମନୋନୀତ କଲେ । ଏଥିରେ ରସୁଲୁଲ୍ଲାଃ ସ.ଅ ସମ୍ମତି ପ୍ରକାଶ କଲେ । ହ. ସାଆଦ୍ ର.ଅ ୱସ୍ ସଂପ୍ରଦାୟର ଅଧିପତି ଥିଲେ ଏବଂ ବନୁ କୁରୈଜା ସଂପ୍ରଦାୟର ମିତ୍ର ଥିଲେ । ଏହିପରି ଭାବରେ ୱସ୍ ସଂପ୍ରଦାୟର ଲୋକମାନେ କେବଳ ସନ୍ତୁଷ୍ଟ ହୋଇଗଲେ ତାହା ନୁହେଁ ବରଂ ଆନନ୍ଦିତ ମଧ୍ୟ ହୋଇଗଲେ । କାରଣ ସେମାନଙ୍କର ଏହି ଧାରଣା ରହିଥିଲା କି ବର୍ତ୍ତମାନ ପ୍ରସଙ୍ଗ ସେମାନଙ୍କ ହସ୍ତରେ ରହିଛି ଏବଂ ଆରବର ପ୍ରଥାନୁଯାୟୀ ମିତ୍ରକୁ ସୁରକ୍ଷା ପ୍ରଦାନ କରାଯାଉଥିଲା । କିନ୍ତୁ ବିଧିର ବିଧାନ ଅନ୍ୟ ନିର୍ଣ୍ଣୟ କିରଥିଲା । ହ. ସାଆଦ୍ ର.ଅଙ୍କ

ପବିତ୍ର ଏବଂ ନୈଷ୍ଠିକ ମନ ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହ ସ.ଅଙ୍କୁ ସମସ୍ତ ସଂପର୍କ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ଅପେକ୍ଷା ପ୍ରାଧାନ୍ୟ ଦେଇଥିଲା । ହ. ସାଆଦ୍ ର.ଅ ସେତେବେଳେ ମଦିନାର ମସ୍‌ଜିଦ୍‌ରେ ରଫିଦା ଅସ୍‌ଲମିୟାହ୍ ଶିବିବ୍ ମଧ୍ୟରେ ଥିଲେ । ସେ ଆହତମାନଙ୍କର ସେବା ଶୁଶ୍ରୂଷା କରୁଥିଲେ । ମସ୍‌ଜିଦ୍‌ରେ ହିଁ ତାଙ୍କର ଗୋଟିଏ ଶିବିର ଥିଲା । ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ର.ଅଙ୍କୁ ଶିବିର ମଧ୍ୟରେ ରଖାଇଥିଲେ । କାରଣ ଚିକିତ୍ସାର ନିରୀକ୍ଷଣ ଏବଂ ଆହତମାନଙ୍କର ଚିକିତ୍ସା ଅତି ସହଜେ ହୋଇପାରିବ। ଆଁହଜରତ ସ.ଅ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଉପରେ ଯେତେବେଳେ ଉକ୍ତ ଦାୟିତ୍ୱ ନ୍ୟସ୍ତ କରିଦେଲେ ସେତେବେଳେ ୱସ୍ ସଂପ୍ରଦାୟ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ଏକ ଗଧ ଉପରେ ଆରୋହଣ କଲେ । ସେହି ଗଧର ପଲାଣ ଖଜୁରୀ ବଲ୍କଳର ଥିଲା । ପଲାଣ ଉପରେ ଏକ ଗଦ୍ଦା ବିଛା ହୋଇଥିଲା । ସେହି ଗଧର ମଙ୍ଗ ବା ଲଗାମ୍ ମଧ୍ୟ ଖଜୁରୀର ତନ୍ତୁ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ହ. ସାଆଦ୍ ର.ଅ ଜଣେ ପୃଥୁଳାକାୟ ଯୁବକ ବ୍ୟକ୍ତି ଥିଲେ । ଲୋକମାନେ ହ. ସାଆଦ୍ ର.ଅଙ୍କ ଆଖପାଖରେ ଏକତ୍ରିତ ହୋଇଗଲେ ଏବଂ କହିବାକୁ ଲାଗିଲେ, ହେ ଅବୁ ଉମର୍ ! ରସୁଲୁଲ୍ଲାଃ ସ.ଅ ୱସ୍ ସଂପ୍ରଦାୟର ମିତ୍ରମାନଙ୍କର ପ୍ରସଙ୍ଗ ଅର୍ଥାତ୍ ଦାୟିତ୍ୱ ଆପଣଙ୍କ ଉପରେ ନ୍ୟସ୍ତ କରିଦେଇଛନ୍ତି କି ? ରସୁଲୁଲ୍ଲାଃ ସ.ଅ ଆପଣ ସ.ଅଙ୍କ ଉପରେ ଏଇଥି ପାଇଁ ଦାୟିତ୍ୱ ନ୍ୟସ୍ତ କିରେଦଇଛନ୍ତି ଯେ, ଆପଣ ଆମ ସହିତ ଅର୍ଥାତ୍ ଇହୁଦୀ ୱସ୍ ସଂପ୍ରଦାୟ ପ୍ରତି ପୁଣ୍ୟାଚରଣ ପ୍ରଦର୍ଶନ କରିବେ । ଅତଏବ୍ ଆପଣ ଏମାନଙ୍କ ଉପରେ ଉପକାର କରନ୍ତୁ । ଠିକ୍ ସେତିକି ବେଳେ ଅନେକ ଲୋକମାନେ ଏକତ୍ରିତ ହଇଗଲେ । କିନ୍ତୁ ହ. ସାଆଦ୍ ର.ଅ ନିରବ ରହିଲେ । ଲୋକମାନଙ୍କର ହଠତା (ଜିଦ୍) ଅଧିକ ହୋଇଗଲା ସେତେବେଳେ ହ. ସାଆଦ୍ ର.ଅ କହିଲେ, ବର୍ତ୍ତମାନ ସମୟ ଆସିଯାଇଛି ଯେ, ମୁଁ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ କୌଣସି ନିନ୍ଦୁକ ବ୍ୟକ୍ତିର ଅପନିନ୍ଦାକୁ ଭ୍ରୂକ୍ଷେପ କରିବି ନାହିଁ । ହ. ସଆଦ୍ ର.ଅ ରସୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲେ ଏବଂ ଲୋକମାନେ ମଧ୍ୟ ଆଁହଜରତ ସ.ଅଙ୍କ ନିକଟରେ ବସିଥିଲେ । ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଯେତେବେଳେ ଆସିଲେ (ବୁଖାରୀ ଓ ମୁସ୍‌ଲିମ୍‌ର ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ହ. ସାଆଦ୍ ର.ଅ ଯେତେବେଳେ ସେହି ମସ୍‌ଜିଦ୍ ନିକଟବର୍ତ୍ତୀ ହେଲେ ଯହିଁରେ ରସୁଲୁଲ୍ଲାଃ ସ.ଅ ଉପସ୍ଥିତ ଥିଲେ । ସେହି ମସ୍‌ଜିଦ୍‌କୁ ବନୁ କୁରୈଜା ସଂପ୍ରଦାୟର ଘେରାଉ ମସୟରେ ନମାଜ ପାଠ କରିବା ନିମନ୍ତେ ନିର୍ମାଣ କରାଯାଇଥିଲା) ସେତେବେଳେ ସେମାନଙ୍କୁ ଦେଖି ରସୁଲୁଲ୍ଲାଃ ସ.ଅ କହିଲେ, ହେ ଲୋକମାନେ! ତୁମେମାନେ ନିଜର ଅଧିପତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନପୂର୍ବକ ବା ସମ୍ମାନ ଜଣାଇ ଛିଡ଼ା ହୋଇପଡ଼ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ କହିଲେ, ହେ ଲୋକମାନେ ତୁମେମାନେ ନିଜର ଏହି ସର୍ବୋତ୍କୃଷ୍ଟ ବ୍ୟକ୍ତିଙ୍କ ନିମନ୍ତେ ଛିଡ଼ା ହୋଇଯାଅ ।

ବନୁ ଅବ୍‌ଦୁଲ୍ ଅଶ୍‌ହଲ୍‌ର ଲୋକମାନେ କୁହନ୍ତି ଯେ, ଆମେମାନେ ହ. ସାଆଦ୍ ର.ଅଙ୍କ ନିମନ୍ତେ ଦୁଇଟି ଧାଡ଼ି କରି ଛିଡ଼ା ହେଲୁ । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ଅର୍ଥାତ୍ ହ. ସାଆଦ୍ ର.ଅଙ୍କୁ ସ୍ୱାଗତ ଜଣାଉଥିଲା । ଏପର୍ଯ୍ୟନ୍ତକି ସେ ଆଁହଜରତ ସ.ଅଙ୍କ ସେବାରେ ପହଞ୍ଚିଗଲେ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାଆଦ୍ ! ତୁମେ ସେମାନଙ୍କ ମଧ୍ୟରେ ମୀମାଂସା କରିଦିଅ । ହ. ସାଆଦ୍ ର.ଅ କହିଲେ, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ମୀମାଂସା ବା ନ୍ୟାୟ ପ୍ରଦାନ କରିବାରେ ମୋ ଅପେକ୍ଷା ସର୍ବାଧିକ ଯୋଗ୍ୟ ଅଟନ୍ତି । ଆଁହଜରତ ସ.ଅ କହିଲେ, ନିଃସନ୍ଦେହ ରୂପେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ତୁମକୁ ଆଦେଶ ଦେଇଛନ୍ତି ଯେ, ତୁମେ ସେମାନଙ୍କ ଅର୍ଥାତ୍ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ସଂକ୍ରାନ୍ତରେ ନିଷ୍ପତ୍ତି ନିଅ ତଥା ମୀମାଂସା କର । ୱସ୍ ସଂପ୍ରଦାୟର ଲୋକମାନେ କହିବାକୁ ଲାଗିଲେ ଯେ, ହେ ଅବୁ ଅମ୍ର ! ରସୁଲୁଲ୍ଲାଃ ସ.ଅ ଆପଣଙ୍କ ମିତ୍ରମାନଙ୍କର ମୀମାଂସା ଆପଣଙ୍କ ଉପରେ ନ୍ୟସ୍ତ କରି ଦେଇଛନ୍ତି । ତେଣୁ ଆପଣ ସେମାନଙ୍କ ପ୍ରତି ସଦ୍‌ବ୍ୟବାହର ପ୍ରଦର୍ଶନ କରନ୍ତୁ ଓ ସେମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ନିଜ ସମ୍ମୁଖରେ ରଖନ୍ତୁ । ହ. ସାଆଦ୍ ର.ଅ କହିଲେ, ହେ ୱଶ୍ ସଂପ୍ରଦାୟ ! ତୁମେ ବନୁ କୁରୈଜା ସଂପ୍ରଦାୟ ସଂକ୍ରାନ୍ତରେ ମୋର ନିଷ୍ପତ୍ତି ବା ମୀମାଂସା ସଂପର୍କରେ ସମ୍ମତି ପ୍ରକାଶ କରିବ କି ? ସେମାନେ କହିଲେ, ଆଜ୍ଞା ହଁ । ଆମେମାନେ ବର୍ତ୍ତମାନ ଏହି ମୁହୂର୍ତ୍ତରେ ଆପଣଙ୍କ ନିଷ୍ପତ୍ତି ଉପରେ ସମ୍ମତି ପ୍ରକାଶ କୁରଛୁ । ଅପରପକ୍ଷେ ଆପଣ ଯେତେବେଳେ ଉପସ୍ଥିତ ନଥିଲେ ଅର୍ଥାତ୍ ଆପଣ ଯେତେବେଳେ ଅନୁପସ୍ଥିତ ଥିଲେ ସେତେବେଳେ ମଧ୍ୟ ଆମେମାନେ ଆପଣଙ୍କ ନାମର ପ୍ରସ୍ତାବ ଦେଇଥିଲୁ । ଅର୍ଥାତ୍ ନାମ ଉପସ୍ଥାପିତ କରିଥିଲୁ । ଆମମାନେ ଆପଣଙ୍କୁ ଏହି ସ୍ୱାଧୀନତା ଦେଇଛୁ ଓ ଆଶା କରୁଛୁ ଯେ, ଯେପରି ଆପଣଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି ନିଜର ମିତ୍ର ବନୁ କୈନ୍‌କା ସଂପ୍ରଦାୟ ପ୍ରତି ଉପକାର କରିଥିଲା ଠିକ୍ ସେହିପରି ଆପଣ ମଧ୍ୟ ଆମମାନଙ୍କ ଉପରେ ଉପକାର କରିବେ । ଆମେମାନେ ଆପଣଙ୍କୁ ହିଁ ଅଗ୍ରାଧିକାର ଦେଉଛୁ । ଆଜିର ଦିନରେ ଆମେମାନେ ଆପଣଙ୍କ ନିଷ୍ପତ୍ତିକୁ ଅପେକ୍ଷା କରି ବସିଛୁ । ହ. ସାଆଦ୍ ର.ଅ କହିଲେ, ମୁଁ ପୂର୍ଣ୍ଣ ଉଦ୍ୟମ କରିବି । ଅତଃ ଲୋକମାନେ ପଚାରିଲେ ଯେ, ହେ ସାଆଦ୍ ତହିଁରୁ (ଆପଣ କେଉଁ ଚେଷ୍ଟା କରିବେ) ଯଥାର୍ଥ ଅଟେ ? ଅର୍ଥାତ୍ ଆପଣ ଯେଉଁ କଥା କହିଲେ ଯେ, ମୁଁ ପୂର୍ଣ୍ଣ ଚେଷ୍ଟା କରିବି । ଉକ୍ତ କଥାରୁ କ'ଣ ଯଥାର୍ଥ ଅଟେ ? ହ. ସାଆଦ୍ ର.ଅ କହିଲେ, ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଶପଥ ଦେଇ କହୁଛି ଯେ, କ'ଣ ମୋରି ନିଷ୍ପତ୍ତି (ମୀମାଂସା)କୁ କାର୍ଯ୍ୟାକାରୀ କରାଯିବ କି ? ଅର୍ଥାତ୍ ଅଙ୍ଗୀକାରକୁ ଦୃଢୀଭୂତ କରିବା ନିମନ୍ତେ ସେମାନଙ୍କୁ ହ. ସାଆଦ୍ ର.ଅ ପୁନଃ କହିଲେ, କ'ଣ ମୋରି ନିଷ୍ପତ୍ତି (ମୀମାଂସା)କୁ କାର୍ଯ୍ୟାକାରୀ କରାଯିବ କି ? ହ. ସାଆଦ୍ ର.ଅ ପଚାରିଲେ । ୱସ୍ ସଂପ୍ରଦାୟର ଲୋକମାନେ କହିଲେ, ଅବଶ୍ୟ ଆପଣଙ୍କ ନିଷ୍ପତ୍ତିକୁ ହିଁ କାର୍ଯ୍ୟକାରୀ କରାଯିବ । ପୁନଶ୍ଚ ହ. ସାଆଦ୍ ର.ଅ ଆଁହଜରତ ସ.ଅଙ୍କ ଆଡ଼କୁ ମୁହଁ କଲେ । ହ. ସାଆଦ୍ ର.ଅ ଆଁହଜରତ ସ.ଅଙ୍କ ପ୍ରତାପ ଏବଂ ମର୍ଯ୍ୟାଦା ଯୋଗୁଁ ଆପଣ ସ.ଅଙ୍କୁ ସମ୍ବୋଧନ କଲେ ନାହିଁ ଓ ଆପଣ ର.ଅ ଏହା କହିଲେ, କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଠାରେ ବସିଥିବା ଲୋକମାନେ ମଧ୍ୟ ଏହି ଅଙ୍ଗୀକାର ବା ପ୍ରତିଜ୍ଞା କରୁଛନ୍ତି । ଆଁହଜରତ ସ.ଅଙ୍କ ଆଡ଼କୁ ଇଙ୍ଗିତ କଲେ । ରସୁଲୁଲ୍ଲାଃ ସ.ଅ ଓ ସେହି ଲୋକମାନେ କହିଲେ ଆଜ୍ଞା ହଁ । ପୁନଶ୍ଚ ହ. ସାଆଦ୍ ର.ଅ କହିଲେ, ମୁଁ ସେମାନଙ୍କ ସଂପର୍କରେ ଏହି ନିର୍ଣ୍ଣୟ କରୁଛି ଯେ, ସେମାନଙ୍କର ବୟସ୍କ ପ୍ରାପ୍ତ ପୁରୁଷମାନଙ୍କୁ ବଧ କରିଦିଆଯାଉ ଓ ମହିଳାମାନଙ୍କୁ ତଥା ସନ୍ତାନମାନଙ୍କୁ ବନ୍ଦୀ କରିନିଆଯାଉ । ଧନ ରତ୍ନ ସବୁ ହବାଣ୍ଟି ଦିଆଯାଉ । ଘରଗୁଡ଼ିକୁ ଅନ୍‌ସାରମାନଙ୍କୁ ନଦେଇ ପ୍ରବାସକାରୀମାନଙ୍କୁ ଦେଇ ଦିଆଯାଉ । ଅନ୍‌ସାରମାନେ କହିଲେ, ଆମେମାନେ ସେମାନଙ୍କ (ପ୍ରବାସକାରୀଙ୍କ)ର ଭାଇ ଅଟୁ ଓ ସେମାନଙ୍କ ସହିତ ଥିଲୁ । ମୁଁ (ହ. ସାଆଦ୍) ଏହା ଚାହୁଁଛି ଯେ, ପ୍ରବାସକାରୀମାନେ ତୁମମାନଙ୍କ ଠାରୁ ନିଃସ୍ପୃହ ହୋଇ ଯାଆନ୍ତୁ । ଅର୍ଥାତ୍ ପ୍ରବାସକାରୀମାନେ ସ୍ୱାଧୀନ ଭାବରେ ନିଜର କାର୍ଯ୍ୟ କରନ୍ତୁ ।

ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାଆଦ୍ ତୁମର ନିର୍ଣ୍ଣୟ ଅଲ୍ଲାଃତାଲାଙ୍କ ନିର୍ଣ୍ଣୟ ଅନୁଯାୟୀ ଅଟେ । ଅର୍ଥାତ୍ ଯେଉଁ ମୀମାଂସା ବା ନିର୍ଣ୍ଣୟ ସପ୍ତମ ଆକାଶଲୋକରେ କରିଛନ୍ତି ସେହି ନିର୍ଣ୍ଣୟ ଅନୁଯାୟୀ ତୁମର ନିର୍ଣ୍ଣୟ ଅଟେ । ସେହିପରି ଏକ ବର୍ଣ୍ଣନାରେ ଏହି ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ର.ଅଙ୍କ ନିର୍ଣ୍ଣୟ ସଂକ୍ରାନ୍ତରେ କହିଲେ, ଏହି ନିର୍ଣ୍ଣୟ ସଂକ୍ରାନ୍ତରେ ମୋତେ ଦେବଦୂତ ସେହରୀ (ପ୍ରତ୍ୟୁଷ) ସମୟରେ ଜଣାଇଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-9-11, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993 ମସିହା) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲିଦ୍ ଦୁନିୟାହ୍, ଭାଗ-3, ପୃ-81, ଦାରୁଲ୍ କୁତୁବୁଲ ଇଲ୍‌ମିୟାହ୍, 1996 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉପରୋକ୍ତ ଘଟଣାର ବିବରଣୀ ଏହିପରି ଉଲ୍ଲେଖ କରିଛନ୍ତି ଯେ, ପରିଶେଷରେ ପ୍ରାୟ 20 ଦିନର ଘେରାଉ ପରେ ଏହି ହତଭାଗ୍ୟ ଇହୁଦୀମାନେ ଜନୈକ ବ୍ୟକ୍ତିଙ୍କୁ ନିଷ୍ପତ୍ତିକାରୀ ରୂପେ ସ୍ୱୀକାର କରି ଦୁର୍ଗ ମଧ୍ୟରୁ ତଳକୁ ଓହ୍ଲାଇବା ନିମନ୍ତେ ରାଜି ହୋଇଗଲେ । ଏହି ଇହୁଦୀମାନେ ଯେଉଁମାନଙ୍କର ମିତ୍ର ସେମାନଙ୍କର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଭଲ ପାଉ ନଥିଲା ଏବଂ ଏହି ଇହୁଦୀ ମିତ୍ରଙ୍କ ମନରେ ଇହୁଦୀଙ୍କ ପ୍ରତି କୌଣସି ଦୟା କ୍ଷମା ନଥିଲା । ଏହି ମିତ୍ର ନ୍ୟାୟର ପ୍ରତିମୂର୍ତ୍ତି ଥିଲେ । କିନ୍ତୁ ଏହି ମିତ୍ରର ମନରେ ରହେମତୁଲ୍ ଲିଲ ଆଲମିନ୍ (ହ. ମୁହମ୍ମଦ ସ.ଅ)ଙ୍କ ପରି ଦୟା ଏବଂ କ୍ଷମାଭାବ ନଥିଲା । ଏହି ସମସ୍ତ ଘଟଣା ବୃତ୍ତାନ୍ତର ସାରାଂଶ ଏହିକି ଯେ, ୱସ୍ ସଂପ୍ରାଦୟର ବନୁ କୁରୈଜାର ପୁରାତନ ମିତ୍ର ଥିଲା ଏବଂ ସେହି କାଳରେ ଉକ୍ତ ସଂପ୍ରାଦୟର ଅଧିପତି ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଥିଲେ । ସେ ଖନ୍ଦକ୍ ଯୁଦ୍ଧରେ ଆହତ ହୋଇ ବର୍ତ୍ତମାନ ମସ୍‌ଜିଦର ପ୍ରାଙ୍ଗଣରେ ଚିକିତ୍ସିତ ହେଉଥିଲେ୍ । ହ. ସାଆଦ୍ ର.ଅ ଆରୋହଣ ହୋଇ ଆସିଲେ ଏବଂ ବାଟରେ ୱୋସ୍ ସଂପ୍ରଦାୟର କେତେକ ଲୋକମାନେ ସେମାନଙ୍କୁ ଜିଦ୍‌ପୂର୍ବକ ଏବଂ ବରମ୍ବାର ଏହି ଅନୁରୋଧ କଲେ ଯେ, ହେ ସାଆଦ୍ ! ଯେପରି ଖଜ୍‌ରଜ୍ ସଂପ୍ରଦାୟ ବନୁ କୈନକା ସଂପ୍ରଦାୟର ମିତ୍ର ଅଟନ୍ତି। ଠିକ୍ ସେହିପରି ବନୁ କୁରୈଜା ସଂପ୍ରଦାୟ ମଧ୍ୟ ଆମମାନଙ୍କର ମିତ୍ର ଅଟନ୍ତି। ଖଜରଜ୍ ସଂପ୍ରଦାୟ ଯେଭଳି ଭାବରେ ନିଜର ମିତ୍ର ବନୁ କୈନ୍‌କା ସହିତ ବିନମ୍ରତା

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ପ୍ରଦର୍ଶନ କରିଥିଲା । ଆପଣ ମଧ୍ୟ ଠିକ୍ ସେହିପରି ବିନମ୍ରତାମୂଳକ ଆଚରଣ ବନୁ କୁରୈଜା ସହିତ ପ୍ରଦର୍ଶନ କରନ୍ତୁ । ଆପଣ ସେମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ ନାହିଁ। ହ. ସାଆଦ୍ ବିନ୍ ମୁଆଜ୍ ର.ଅ ନିରବତାପୂର୍ବକ ସେମାନଙ୍କର କଥାକୁ ଶୁଣିଲେ । କିନ୍ତୁ ସେମାନଙ୍କ ପକ୍ଷରୁ ଯେତେବେଳେ ଅଧିକ ହଠତା (ଜିଦ୍) ପ୍ରଦର୍ଶନ କରାଗଲା ସେତେବେଳେ ହ. ସାଆଦ୍ ର.ଅ କହିଲେ, "ଏହା ହେଉଛି ସେହି ସମୟ ଯେ, ସାଆଦ୍ ଯେତେବେଳେ ସତ୍ୟ ଏବଂ ନ୍ୟାୟ ପ୍ରସଙ୍ଗରେ କୌଣସି ନିନ୍ଦୁକ ବ୍ୟକ୍ତିର ନିନ୍ଦାକୁ ଭ୍ରୂକ୍ଷେପ କରି ପାରିବ ନାହିଁ ।" ଏହି ଉତ୍ତର ଶୁଣି ସମସ୍ତ ଲୋକମାନେ ନିରବଓ ଆବାକ୍ ହୋଇଗଲେ ।

ହ. ସାଆଦ୍ ର.ଅ ଯେତେବେଳେ ଆଁହଜରତ ସ.ଅଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ଆପଣ ସ.ଅ ସାହାବାମାନଙ୍କୁ କହିଲେ, قُوْمُوْٓا اِلٰى سَيِّدِكُمْ ଅର୍ଥାତ୍ ନିଜର ଅଧିପତିଙ୍କ ନିମନ୍ତେ ଉଠ ଓ ଅଧିପତିଙ୍କୁ ବାହାନ ଉପରୁ ତଳକୁ ଓହ୍ଲାଇବାରେ ସାହଯ୍ୟ କର । ହ. ସାଆଦ୍ ର.ଅ ଯେତେବେଳେ ବାହାନ ତଳକୁ ଓହ୍ଲାଇ ଆଁହଜରତ ଆଡ଼କୁ ଆଗ୍ରସର ହେଲେ ସେତେବେଳେ ଆପଣ ସ.ଅ ତାଙ୍କୁ ସମ୍ବୋଧିତ କରି କହିଲେ, ହେ ସାଆଦ୍ ! ବନୁ କୁରୈଜା ସଂପ୍ରଦାୟ ତୁମକୁ ନିଜର ମୀମାଂସକାରୀ ରୂପେ ସ୍ୱୀକାର କରିଛି ଏବଂ ସେମାନଙ୍କ ସଂକ୍ରାନ୍ତରେ ତୁମେ ଯେଉଁ ନିଷ୍ପତ୍ତି ତଥା ମୀମାଂସା କରିବ ସେହି ନିଷ୍ପତ୍ତିକୁ ସେମାନେ ସ୍ୱୀକାର କରିବେ । ପ୍ରତ୍ୟୁତ୍ତରରେ ହ. ସାଆଦ୍ ର.ଅ ନିଜର ଓ୍ୱସ୍ ସଂପ୍ରାଦୟର ଲୋକମାନଙ୍କ ଆଡ଼କୁ ଦୃଷ୍ଟି ଉପରକୁ କରି କହିଲେ, عَلَيْكُمْ بِذٰلِكَ عَهْدُ اللّٰهِ وَمِيْثَاقُهٗ اِنَّ الْحُكْمَ فِيْهِمْ بِمَا حَكَمْتُ । ଅର୍ଥାତ୍ "କ'ଣ ତୁମେମାନେ ଈଶ୍ୱରଙ୍କୁ ବିଦ୍ୟମାନ ଓ ସର୍ବବ୍ୟାପୀ ବା ଉପସ୍ଥିତଙ୍କ ମନେକରି ଏହି ପ୍ରତିଜ୍ଞା କରିବ ଯେ, ସେ ଯାହା ହୋଇଯାଉ ନା କାହିଁକି ମୁଁ ବନୁ କୁରୈଜା ସଂପ୍ରଦାୟ ସଂପର୍କରେ ଯେଉଁ ନିଷ୍ପତ୍ତି ନେବି ଓ ନର୍ଣ୍ଣୟ କରିବି ତୁମେମାନେ ସେହି ନିଷ୍ପତ୍ତି ଉପରେ ସମ୍ମତି ପ୍ରକାଶ କରିବ ଏବଂ ଏହାକୁ କାର୍ଯ୍ୟାନୁସରଣ କରିବାକୁ ବାଧ ହେବ । ପୁନଶ୍ଚ ଏତଦ୍‌ପରେ ହ. ସାଆଦ୍ ର.ଅ ସେହି ଦିଗ ଆଡ଼କୁ ଇଙ୍ଗିତ କରି କହିଲେ ଯେଉଁଠି ଆଁହଜରତ ସ.ଅ ବିରାଜମାନ ଥିଲେ । ହ. ସାଆଦ୍ ର.ଅ କହିଲେ, وَعَلٰى مَنْ هٰهُنَا ଅର୍ଥାତ୍ ସେହି ମାନ୍ୟବର ଅସ୍ତିତ୍ୱ (ଆଁହଜରତ ସ.ଅ) ଯିଏ ଏଠାରେ ବିରାଜମାନେ ଅଛନ୍ତି, କ'ଣ ସେ ମଧ୍ୟ ଉକ୍ତ କଥାର ଅଙ୍ଗୀକାର ଏବଂ ପ୍ରତିଜ୍ଞା କରୁଛନ୍ତି ଯେ, ମୁଁ ଯେଉଁ ନିଷ୍ପତ୍ତି ନେବି ଓ ରାୟ ଶୁଣାଇବି ତାହାକୁ ସେ (ଆପଣ ସ.ଅ) ସ୍ୱୀକାର କରିବେ ? ସେ ଯାହା ହେଉ ସେମାନେ ମୋର ନିର୍ଣ୍ଣୟ ଅନୁଯାୟୀ ଆଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ବାଧ ଅଟନ୍ତି । ଆଁହଜରତ ସ.ଅ କହିଲେ, ମୁଁ ଏହି ଅଙ୍ଗୀକାର କରୁଛି ଯେ, ମୁଁ ସମସ୍ତ ମୀମାଂସ (ନିଷ୍ପତ୍ତି ବା ନିର୍ଣ୍ଣୟ)କୁ ସ୍ୱୀକାର କରିବି ।" ଉକ୍ତ ଅଙ୍ଗୀକାର ତଥା ଶପଥ ପରେ ହ. ସାଆଦ୍ ର.ଅ ନିଜର ରାୟ ଶୁଣାଇଲେ । ସେହି ରାୟ ବା ନିର୍ଣ୍ଣୟ ଏହିପରି ଥିଲା ଯେ, "ବନୁ କୁରୈଜା ବିପକ୍ଷରେ ଅର୍ଥାତ୍ ଯୋଦ୍ଧାକାରୀମାନଙ୍କୁ ବଧ କରିଦିଆଯାଉ, ସେମାନଙ୍କର ମହିଳାମାନଙ୍କୁ ଓ ସନ୍ତାନମାନଙ୍କୁ ବନ୍ଦୀ କରିନିଆଯାଉ । ସେମାନଙ୍କର ଧନ ସମ୍ପତ୍ତି ମୁସଲମାନମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଉ ।"

ଆଁହଜରତ ସ.ଅ ଯେତେବେଳେ ଏହି ନର୍ଣ୍ଣୟ (ରାୟ ବା ମୀମାଂସା) ଶୁଣିଲେ ସେତେବଳେ ସହସା କହିଲେ, لَقَدْ حَكَمْتَ بِحُكْمِ اللّٰهِ "ଅର୍ଥାତ୍ ତୁମର ଏହି ନିଷ୍ପତ୍ତି ଏକ ବିଧିର ବିଧାନ ଅଟେ ।" ଏହି ଭାଗ୍ୟ ଅପସାରିତ ହୋଇ ପାରିବ ନାହିଁ । ଉପରୋକ୍ତ ଶବ୍ଦରୁ ଆପଣ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା କି ବନୁ କୁରୈଜା ସଂକ୍ରାନ୍ତରେ ଏହି ରାୟ (ମୀମାଂସା, ନିଷ୍ପତ୍ତି ବା ନିର୍ଣ୍ଣୟ) ଏଭଳି ଏକ ପରିସ୍ଥିତିରେ ହେଲା ଯେ, ତହିଁରେ ସ୍ୱଷ୍ଟ ରୂପେ ଐଶୀ ହସ୍ତ କାର୍ଯ୍ୟ କରୁଥିବାର ଦୃଶ୍ୟମାନ ହୁଏ। ଏଇଥି ପାଇଁ ଦୟାର ଯେଉଁ ଭାବାବେଗ ରହିଥିଲା ତାହା ଅଟକି ରହି ପାରିଲା ନାହିଁ । ପ୍ରକୃତରେ ଉକ୍ତ ଭାବାବେଗଟି ସଠିକ୍ ଓ ଯୁକ୍ତିଯୁକ୍ତ ଥିଲା । ବନୁ କୁରୈଜା ସଂପ୍ରଦାୟ ପରାମର୍ଶ ନିମନ୍ତେ ଅବୁ ଲବାବାକୁ ଡାକିବା ଓ ଅବୁ ଲବାବାର ପାଟିରୁ ଏପରି ଏକ କଥା ବାହାରି ଯିବା ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଥିଲା । ପୁନଶ୍ଚ ବନୁ କୁରୈଜା ସଂପ୍ରଦାୟର ଆଁହଜରତ ସ.ଅଙ୍କ ଆଦେଶକୁ ଅସ୍ୱୀକାର ତଥା ଅବମାନନା କରିବା ଏହି ଧାରଣା ଯୋଗୁଁ କରାଯାଇଥିଲା ଯେ, ଓ୍ୱସ୍ ସଂପ୍ରଦାୟର ଲକୋମାନେ ଆମମାନଙ୍କର ମିତ୍ର ଅଟନ୍ତି । ସେମାନେ ଆମ ପ୍ରତି ଦୟା ଓ କ୍ଷମାମୂଳକ ଆଚରଣ ପ୍ରଦର୍ଶନ କରିବେ । ସେମାନେ ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଯେକି ଓ୍ୱସ୍ ସଂପ୍ରଦାୟର ଅଧିପତି ଥିଲେ ତାଙ୍କୁ ନିଜର ବିଚାରକ ରୂପେ ନିଯୁକ୍ତ କଲେ। ପୁନଶ୍ଚ ଏତଦ୍‌ପରେ ସତ୍ୟ ଓ ନ୍ୟାୟ ମାର୍ଗରେ ହ. ସାଆଦ୍ ର.ଅଙ୍କ ଏଭଳି ଦୃଢ ହୋଇଯିବା ଫଳରେ ଜାତି, ଭାଇ ବନ୍ଧୁ ଓ ଜ୍ଞାତି କୁଟୁମ୍ବ, ସଂପ୍ରଦାୟ ଇତ୍ୟାଦିର ଭାବକୁ ମନ ମଧ୍ୟରୁ ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଗଲା । ପରିଶେଷରେ ହ. ସାଆଦ୍ ର.ଅ ନିଜର ନିର୍ଣ୍ଣୟ ଦେବା ତଥା ଘୋଷଣା କରିବା ପୂର୍ବରୁ ଆଁହଜରତ ସ.ଅଙ୍କ ଠାରୁ ଏହି ଅଙ୍ଗୀକାର ନେବା ଯେ, ସେ ଯାହା ହୋଇ ଯାଉ ନା କାହିଁକି ଉକ୍ତ ନିର୍ଣ୍ଣୟ (ହ. ସାଆଦ୍ ର.ଅଙ୍କ ଦ୍ୱାରା କରାଯାଇଥିବା ନିର୍ଣ୍ଣୟ ମୁତାବକ) ତାଙ୍କର ଆଦେଶକୁ କାର୍ଯ୍ୟକାରୀ କରାଯିବ । ତାଙ୍କର ଆଦେଶ ପାଳନ କରାଯିବ । ଏହି ସମସ୍ତ କଥା ବା ଏହି ସମସ୍ତ ଘଟଣାକୁ ସଂଯୋଗ ଓ ଦୈବାତ୍ ବୋଲି କୁହାଯାଇ ପାରିବ ନାହିଁ କି ଏହା ଦୈବାତ୍ ଓ ସଂଯୋଗବଶତଃ ହୋଇ ପାରିବ ନାହିଁ । ନିଃସନ୍ଦେହ ଏହାର ଅତଳ ଗହ୍ୱରେ ଐଶୀ ବିଧାନ କାର୍ଯ୍ୟ କରିଥିଲା । ସୁତରାଂ ଉକ୍ତ ନିଷ୍ପତ୍ତି ବା ରାୟ ଈଶ୍ୱରଙ୍କର ଥିଲା, ସାଆଦଙ୍କର ନଥିଲା । "**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-599-601)**

ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ମୀମାଂସା (ନିର୍ଣ୍ଣୟ, ରାୟ, ନିଷ୍ପତ୍ତି) ପ୍ରଣୟନ ସଂକ୍ରାନ୍ତରେ ଅତିରିକ୍ତ ଉଲ୍ଲେଖ ରହିଛି ଯେ, ହ. ସାଆଦ୍ ର.ଅ ଯେତେବେଳେ ଏହି ମୀମାଂସା କରିନେଲେ ସେତେବେଳେ ରସୁଲ୍ଲାଃ ସ.ଅ ୨ ଜୁଲ୍ ହଜ୍ଜା ଗୁରୁବାର ଦିନ ମଦିନା ଫେରି ଆସିଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, 5 ଜୁଲ୍‌ହଜ୍ଜାରେ ଆପଣ ସ.ଅ ମଦିନା ଫେରି ଆସିଥିଲେ । ଇବ୍‌ନେ ସାଆଦ୍ ଉଲ୍ଲେଖ କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ 7 ଜୁଲହଜ୍ଜା ଗୁରବାର ଦିନ ମଦିନା ପ୍ରତ୍ୟାବର୍ତ୍ତନ କରିଥିଲେ । ଆପଣ ସ.ଅ ସେହି ବନ୍ଦୀମାନଙ୍କ ସଂକ୍ରାନ୍ତରେ ଆଦେଶ ଦେଲେ ଯେ, ସେହି ବନ୍ଦୀମାନଙ୍କୁ ମୋ ସମ୍ମୁଖକୁ ଅଣାଯାଉ । ରସୁଲୁଲ୍ଲାଃ ସ.ଅଙ୍କ ଆଦେଶ ଅନୁଯାୟୀ ବନ୍ଦୀମାନଙ୍କୁ ହ. ଉସ୍ମାମା ବିନ୍ ଜୈଦ୍ ର.ଅଙ୍କ ଘରକୁ ଅଣାଗଲା। ମହିଳା ଓ ପିଲମାନଙ୍କୁ ହ. ରମ୍‌ଲା ବିନତ୍ ହାରିସ୍ ର.ଅଙ୍କ ଘରକୁ ଅଣାଗଲା । ସେହିପରି ଏହା ମଧ୍ୟ କୁହାଯାଏ ଯେ, ଏହି ସମସ୍ତ ବନ୍ଦୀମାନଙ୍କୁ ହ. ରମଲା ବିନତ୍ ହାରିସ୍ ର.ଅଙ୍କ ଘରେ ବନ୍ଦୀ କରାଗଲା । ରସୁଲୁଲ୍ଲାଃ ସ.ଅ ଯେତେବେଳେ ସେହି ବନ୍ଦୀମାନଙ୍କ ନିମନ୍ତେ ଖଜୁରୀ କୋଳି ଆଣିବା ପାଇଁ ଆଦେଶ ଦେଲେ ସେତେବେଳେ ସମସ୍ତ ଭୂମିକୁ କୋଳି ଦ୍ୱାରା ବିଛୁରିତ କରିଦିଆଗଲା । ଲୋକମାନେ ଅସଂଖ୍ୟ ଖଜୁରୀ କୋଳି ନେଇ ଆସିଲେ । ଇହୁଦୀମାନେ ସେହି ଖଜୁରୀ କୋଳିକୁ ଅହୋରାତ୍ର ପେଟପୁରି ଖାଉଥିଲେ । ଅସ୍ତ୍ରଶସ୍ତ୍ର, ଜିନିଷ ପତ୍ର ଇତ୍ୟାଦି ହ. ରମ୍‌ଲା ର.ଅଙ୍କ ଘରେ ଆଣିବା ନିମନ୍ତେ ଆଦେଶ ଦିଆଗଲା ଏବଂ ଓଟ ଓ ଛେଳୀମାନଙ୍କୁ ସେହିଠାରେ ହିଁ ବୃକ୍ଷ ତଳେ ଚରିବା ପାଇଁ ଛାଡ଼ି ଦିଆଗଲା । **(ସବ୍‌ଲୁଲ୍ ହୁଦା ଓ୍ୱର୍ ରଶ୍ବାଦ୍, ଭାଗ-5, ପୃ- 11,12, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993 ମସିହା) (ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-58, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ କୁହନ୍ତି : "ଏପରି ପ୍ରତିତ ହେଉଛି ଯେପରିକି ବନୁ କୁରୈଜ୍ ସଂପ୍ରଦାୟର ଶପଥ ଭଙ୍ଗ ବା ସର୍ତ୍ତ ଭଙ୍ଗ, ବିଶ୍ୱାସଘାତକତା, ବିଦ୍ରୋହ, ଉପଦ୍ରବ ଓ ହତ୍ୟା ବିଭୀଷୀକା ଯୋଗୁଁ ଐଶୀ ନ୍ୟାୟାଳୟରୁ ଏହି ଆଦେଶ ଜାରି ହୋଇଯାଇଥିଲା ଯେ, ସେହି ଇହୁଦୀ ଯୋଦ୍ଧା ଲୋକମାନଙ୍କୁ ସଂସାରରୁ ନିଶ୍ଚିହ୍ନ କରିଦିଆଯାଉ । ସୁତରାଂ ପ୍ରାରମ୍ଭରେ ଆଁହଜରତ ସ.ଅଙ୍କୁ ଉକ୍ତ ଯୁଦ୍ଧ ସଂକ୍ରାନ୍ତରେ ଆଦୃଷ୍ଟ ଆହ୍ୱାନ ହେବା ମଧ୍ୟ ଏହା ପ୍ରକାଶ କଲେ ଯେ, ଏହା ଐଶୀ ବିଧାନ ଥିଲା । କିନ୍ତୁ ଈଶ୍ୱରଙ୍କୁ ଏହା ସ୍ୱୀକାର ନଥିଲା ଯେ, ତାହାଙ୍କ ବାର୍ତ୍ତାବହଙ୍କ ମାଧ୍ୟମରେ ଏହି ଆଦେଶ ଏବଂ ଏହି ମୀମାଂସ ପ୍ରଣୟନ ହେଉ । ଅତଃ ଈଶ୍ୱ ଅତ୍ୟନ୍ତ ସୂକ୍ଷ୍ମାତିସୂକ୍ଷ୍ମ ଆଦୃଷ୍ଟ ଶକ୍ତି ମାଧ୍ୟମରେ ଆଁହଜରତ ସ.ଅଙ୍କୁ ସଂପୂର୍ଣ୍ଣ ରୂପେ ଏହି ପ୍ରସଙ୍ଗରୁ ପୃଥକ୍ ରଖିଲେ । ଅଲ୍ଲାଃତାଲା ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ମାଧ୍ୟମରେ ଏହି ନିର୍ଣ୍ଣୟର ଘୋଷଣା କରାଇଲେ । ଅଲ୍ଲଃତାଲା ନିର୍ଣ୍ଣୟ ମଧ୍ୟ ଏପରି ଢଙ୍ଗରେ କରାଇଲେ ଯେ, ବର୍ତ୍ତମାନ ରସୁଲୁଲ୍ଲାଃ ସ.ଅ ଉକ୍ତ ପ୍ରସଙ୍ଗରେ ଆଦୌ ହସ୍ତକ୍ଷେପ କରି ପାରିବେ ନାହିଁ। କାରଣ ଆପଣ ସ.ଅ ଅଙ୍ଗୀକାର ତଥା ପ୍ରତିଜ୍ଞା କରି ସାରିଥିଲେ ଯେ, ଆପଣ ସ.ଅ ପ୍ରତ୍ୟେକ ପରିସ୍ଥିତିରେ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଦ୍ୱାରା ହୋଇଥିବା ନିର୍ଣ୍ଣୟ ତଥା ନିଷ୍ପତ୍ତିକୁ ସ୍ୱୀକାର କରିବା ନିମନ୍ତେ ବାଧ ହେବ । ଆଁହଜରତ ସ.ଅଙ୍କ ଉପରେ ଆପତ୍ତି କରୁଥିବା ଅଣଧର୍ମାବଲମ୍ବୀ ଲୋକମାନେ ବେଳେବେଳେ କେତେକ ଯୁବକମାନଙ୍କୁ ଏହା କହି ବିଷ ଓଗାଳି ଥାଆନ୍ତି ଯେ, ଆପଣ ସ.ଅ ବନୁ କୁରୈଜ୍ ସଂପ୍ରଦାୟ ଉପରେ ବଡ଼ ଅତ୍ୟାଚାର କରିଛନ୍ତି । ଏହି ଆପତ୍ତିର ସ୍ୱଷ୍ଟ ପ୍ରମାଣ ଏହିକି ଯେ, ଆପଣ ସ.ଅ ଏହି ନିର୍ଣ୍ଣୟ ବା ମୀମାଂସା କରି ନାହାନ୍ତି । ବରଂ ଅଲ୍ଲାଃତାଲା ହିଁ ସେମାନଙ୍କର ମିତ୍ରଙ୍କ ମାଧ୍ୟମରେ ଏହି ନିର୍ଣ୍ଣୟ ତଥା ମୀମାଂସା କରାଇଛନ୍ତି ଏବଂ ଅଲ୍ଲାଃତାଲା ମଧ୍ୟ ଆପଣ ସ.ଅଙ୍କ ଠାରୁ ଦୃଢ ଅଙ୍ଗୀକାର ନେଇଥିଲେ ।"

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମର୍ଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ହୁଜୁର ର.ଅ କହିଲେ, " ସେ ଯାହା ହେଉ ନା କାହିଁକି ପୁନଶ୍ଚ ଉକ୍ତ ନିର୍ଣ୍ଣୟର ପ୍ରଭାବ କେବଳ ଆପଣ ସ.ଅଙ୍କ ଉପରେ ପଡ଼େ ନାହିଁ ବରଂ ସମଗ୍ର ମୁସଲମାନମାନଙ୍କ ଉପରେ ପଡୁଥିଲା । ଅତଃ ଆପଣ ଆପଣ ଏହି ନିର୍ଣ୍ଣୟକୁ ନିଜର ଅଧିକାର ବୋଲି ମନେକରୁ ନଥିଲେ । ଅର୍ଥାତ୍ ଆପଣ ସ.ଅ ନିଜର ମତ ଦ୍ୱାରା ସେ ପଛେ ଯେମିତିକା ଦୟା ଓ କ୍ଷମା ଆଡ଼କୁ ଆକୃଷ୍ଟ ହୋଇଥାଉ ନା କାହିଁକି ନିଜର ରାୟ ତଥା ନିଷ୍ପତ୍ତିକୁ ପରିବର୍ତ୍ତନ କିରଦେବେ । ଏହା ହିଁ ଐଶୀ ଲୀଳା ତଥା ଚମତ୍କାର ଥିଲା । ଏହି ଐଶୀ ଶକ୍ତି ଦ୍ୱାରା ଆପଣ ସ.ଅ ପ୍ରଭାବିତ ହୋଇ ଆପଣ ସ.ଅଙ୍କ ତୁଣ୍ଡରୁ ସହସା ଏହି ଶବ୍ଦ ବାହାରି ପଡ଼ିଲା ଯେ, قَدْ حَكَمْتَ بِحُكْمِ اللهِ ଅର୍ଥାତ୍ ହେ ସାଆଦ୍ ! ତୁମର ଏହି ନିର୍ଣ୍ଣୟ ବା ତୁମର ଏହି ନିଷ୍ପତ୍ତି ତ' ଐଶୀ ଭାଗ୍ୟ ବୋଲି ପ୍ରତିତ ହେଉଛି । ଏହି ବିଧିର ବିଧାନକୁ ପରିବର୍ତ୍ତନ କରିବାର କାହା ମଧ୍ୟରେ ଶକ୍ତି ନାହିଁ ।"

ଉପରୋକ୍ତ ଶବ୍ଦ କହି ଆପଣ ସ.ଅ ସେଠାରୁ ଉଠି ସହର ଅଭିମୁଖେ ଚାଲି ଆସିଲେ । ସେତେବେଳେ ଆପଣ ସ.ଅଙ୍କ ହୃଦୟ ଏହି ଧାରଣା ସଂପର୍କରେ ଭାବି ଭାବି ବ୍ୟଥିତ ହେଉଥିଲା । କାରଣ ଯେଉଁ ଜାତିର ବିଶ୍ୱାସ ଆଣିବା ନିମନ୍ତେ ଆପଣ ସ.ଅଙ୍କ ହୃଦୟରେ ପ୍ରବଳ ଉତ୍କଣ୍ଠା ତଥା ଅଭିଳାଷା ରହିଥିଲା ସେହି ଜାତି ନିଜର ଦୁଷ୍କୃତ୍ୟ ଯୋଗୁଁ  ବିଶ୍ୱାସରୁ ବଞ୍ଚିତ ହୋଇ ଐଶୀ ଶାସ୍ତିର ଶରବ୍ୟ ହେଉଛି । ସମ୍ଭବତଃ ଇତ୍ୟବସରରେ ଆପଣ ସ.ଅ ଏହି ଉତ୍କଣ୍ଠାପୂର୍ଣ୍ଣ ବାକ୍ୟ କହିଲେ, لَوْ اٰمَنَ بِيْ عَشَرَةٌ مِّنَ الْيَهُوْدِ لَاٰمَنَتْ بِيَ الْيَهُوْدُ । ଅର୍ଥାତ୍ ଇହୁଦୀମାନଙ୍କ ମଧ୍ୟରୁ ଯଦି ଦଶ ଜଣ ପ୍ରଭାବଶାଳୀ ବ୍ୟକ୍ତିମାନେ ମୋ (ଆଁହଜରତ ସ.ଅଙ୍କ) ଉପରେ ବିଶ୍ୱାସ ନେଇ ଆସି ଥାଆନ୍ତେ ତେବେ ମୁଁ ଈଶ୍ୱରଙ୍କ ନିକଟରେ ଏହି ଆଶା ରଖି ଥାଆନ୍ତି ଯେ, ଏହି ସମସ୍ତ ଜାତି ମୋତେ ସ୍ୱୀକାର କରିନେଇ ଥାଆନ୍ତା ଓ ଈଶ୍ୱରଙ୍କ ଶାସ୍ତି ଠାରୁ ବର୍ତ୍ତି ଯାଇ ଥାଆନ୍ତେ । ସେଠାରୁ ଉଠି ଆପଣ ସ.ଅ ଏହି ଆଦେଶ ଦେଲେ ଯେ, ବନୁ କୁରୈଜ୍ ସଂପ୍ରଦାୟର ମହିଳାମାନଙ୍କୁ ଏବଂ ପୁରୁଷମାନଙ୍କୁ ଓ ଛୋଟ ପିଲାମାନଙ୍କୁ ପୃଥକ୍ କରିଦିଆଯାଉ । ସୁତରାଂ ଉଭୟ ଗୋଷ୍ଠୀକୁ ଅର୍ଥାତ୍ ମହିଳା ଓ ପୁରୁଷ ଗୋଷ୍ଠୀକୁ ପୃଥକ୍ ପୃଥକ୍ କରି ମଦିନାକୁ ଅଣାଗଲା ଏବଂ ସହରରେ ଦୁଇଟି ପୃଥକ୍ ପୃଥକ୍ ବାସ ଭବନରେ ଏକତ୍ରିତ କରିଦିଆଗଲା । ଆଁହଜରତ ସ.ଅଙ୍କ ଆଦେଶ କ୍ରମେ ସାହାବାମାନେ (ତନ୍ମଧ୍ୟରୁ ପ୍ରାୟତଃ ଅନେକ ଲୋକମାନେ ଭୋକିଲା ରିହଥିବେ) ବନୁ କୁରୈଜାର ଆହାର ନିମନ୍ତେ ଅସଂଖ୍ୟ ଅସଂଖ୍ୟ ଫଳମୂଳ ଉପଲବ୍ଧ କଲେ ଏବଂ ସାହାବାମାନେ ଆଁହଜରତ ସ.ଅଙ୍କୁ ସନ୍ଦେଶ ସନ୍ଦେଶ ଲେଖିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଇହୁଦୀ ଲୋକମାନେ ଅହୋରାତ୍ର ଫଳମୂଳ ସେବନ କରିବାରେ ବ୍ୟସ୍ତ ଓ ନିମଗ୍ନ ରହିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-601-602)**

ସକାଳ ଯେତେବେଳେ ହେଲା ସେତେବେଳେ ମଦିନାର ବଜାରରେ ଏକ ଗର୍ତ୍ତ ଖୋଳିବା ନିମନ୍ତେ ଆଦେଶ ଦିଆଗଲା । ଯାହା اَبُو جَهْمِ عَدَوِى ଙ୍କ ଘର اَحْجَارُ الزَّيْت ପର୍ଯ୍ୟନ୍ତ ଖୋଳା ଯାଇଥିଲା । ପୁନଶ୍ଚ ଏତଦ୍‌ପରେ ରସୁଲୁଲ୍ଲାଃ ସ.ଅ ବସିଲେ ଓ ଆପଣ ସ.ଅଙ୍କ ସହିତ ଅନ୍ୟ କେତେକ ସାହାବାମାନେ ମଧ୍ୟ ଥିଲେ । ଆପଣ ସ.ଅ ବନୁ କୁରୈଜା ସଂପ୍ରଦାୟର ପୁରୁଷମାନଙ୍କୁ ଡାକିଲେ । ସେମାନଙ୍କୁ ଦଳବଦ୍ଧ ଆକାରରେ ବାହାର କରାଯାଉଥିଲା ଏବଂ ଉକ୍ତ ଗର୍ତ୍ତ ମଧ୍ୟରେ ବଧ କରିଦିଆ ଯାଉଥିଲା । ସେହି ଇହୁଦୀମାନଙ୍କୁ ଯେତେବେଳେ ଗର୍ତ୍ତ ମଧ୍ୟକୁ ନିଆଯାଉଥିଲା ସେତେବେଳେ କେହି ଜଣେ କାଆବ୍ ବିନ୍ ଅସଦ୍‌କୁ ପଚାରିଲା ହେ କାଆବ୍ ! ତୋର କ'ଣ ମତ ରହିଛି? ମୁହମ୍ମଦ ସ.ଅ ଆମମାନଙ୍କ ସହିତ କ'ଣ କରିବାକୁ ଲାଗିଲେଣି ? କାଆବ୍ ବିନ୍ ଅସଦ୍ କହିଲା, ତୁମମାନଙ୍କୁ ଯାହା ଖରାପ ଲାଗିବ ସେହି ବ୍ୟବହାର ତୁମ ସହିତ କରାଯିବ । କାଆବ୍ ବିନ୍ ଅସଦ୍‌କୁ ଲୋକମାନେ କହିଲେ, ହେ କାଆବ୍ ବିନ୍ ଅସଦ୍ ହ. ମୁହମ୍ମଦ ସ.ଅ ଆମ ସହିତ କେଉଁ ବ୍ୟବହାର ପ୍ରଦର୍ଶନ କରିବାକୁ ଯାଉଛନ୍ତି? ସେ କହିଲା, ତୁମମାନଙ୍କୁ ଯେଉଁ ବ୍ୟବହାର ଖରାପ ଲାଗିବ ସେହି ବ୍ୟବହାର ତୁମମାନଙ୍କ ସହିତ ହେବ । ସେହି ବ୍ୟବହାର ମୁହମ୍ମଦ ସ.ଅ ତୁମମାନଙ୍କ ସହିତ କରିବାକୁ ଲାଗିଲେଣି । ତୁମମାନଙ୍କର ସର୍ବନାଶ ହେଉ । ତୁମେମାନେ କୌଣସି ପରିସ୍ଥିତିରେ ମଧ୍ୟ ବୁଝିପାରୁ ନାହଁ । ଡାକିଲାବାଲା ଛାଡୁ ନାହିଁ । ଆଉ ଯିଏ ଗଲା ସିଏ ଆଉ ଫେରିଲା ନାହିଁ । ଅତଏବ୍ ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଖଡ୍‌ଗ। ଅର୍ଥାତ୍  ବର୍ତ୍ତମାନ ତୁମ ଜୀବନ ବଞ୍ଚିଯିବାର ଆଉ କୌଣସି ସମ୍ଭାବନା ନାହିଁ। ମୁଁ ତୁମମାନଙ୍କୁ ଖଡ୍‌ଗ ବ୍ୟତୀତ ଅନ୍ୟ ମାର୍ଗ ଆଡ଼କୁ ଡାକିଥିଲି । କିନ୍ତୁ ତୁମେମାନେ ଅସ୍ୱୀକାର କରିଦେଲ । ଇହୁଦୀମାନେ କହିବାକୁ ଲାଗିଲେ, ହେ କାଆବ୍ ବିନ୍ ଅସଦ୍! ଏହି ସମୟଟି କ୍ରୋଧ ପ୍ରକାଶ କରିବାର ସମୟ ନୁହେଁ । ଯଦି ଆମେମାନେ ତୁମର ମତାମତକୁ ସ୍ୱୀକାର କରିନେଇ ଥାଆନ୍ତୁ ତେବେ ଆମେମାନେ ଉକ୍ତ ଅଙ୍ଗୀକାରକୁ ଭଙ୍ଗ କରିବାର ଦୋଷୀ ହୋଇ ନଥାଆନ୍ତୁ ଯାହା ଆମମାନଙ୍କ ମଧ୍ୟରେ ଓ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ମଧ୍ୟରେ ଥିଲା । ହୁୟଇ ବିନ୍ ଅଖତବ୍ କହିଲା, ବର୍ତ୍ତମାନ ଉକ୍ତ ନିନ୍ଦା ଏବଂ ଉକ୍ତ ଭର୍ତ୍ସନାକୁ ଛାଡ଼ିଦିଅ । ବର୍ତ୍ତମାନ ତୁମମାନଙ୍କ ଠାରୁ ଆଉ କିଛି ବି ଦୂରୀଭୂତ କରାଯିବ ନାହିଁ । ବର୍ତ୍ତମାନ ବାସ୍ ଖଡ଼ଗ ନିମନ୍ତେ ଧୈର୍ଯ୍ୟ ପ୍ରଦର୍ଶନ କର। ହ. ଅଲୀ ର.ଅ ଓ ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କ ଉପରେ ଇହୁଦୀମାନଙ୍କୁ ବଧ କରିବା ନିମନ୍ତେ ଦାୟିତ୍ୱ ନ୍ୟସ୍ତ କରିଗଲା । କେତେକ ବର୍ଣ୍ଣନାନୁଯାୟୀ କିଛି ବନ୍ଦୀମାନଙ୍କୁ ବଧ କରିବା ନିମନ୍ତେ ଦାୟିତ୍ୱ ବିଭିନ୍ନ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ବାଦ୍, ଭାଗ-5, ପୃ- 12, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993 ମସିହାରୁ ଉଦ୍ଧୃତ)**

ହ. ମିର୍ଜା ବଶୀର ଅହେମଦ ସାହେବ ର.ଅ ଉକ୍ତ ଘଟଣା ସଂକ୍ରାନ୍ତରେ ଏହିପରି ଉଲ୍ଲେଖ କରିଛନ୍ତି ଯେ, "ଦ୍ୱିତୀୟ ଦିନ ସକାଳେ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ନିର୍ଣ୍ଣୟ କାର୍ଯ୍ୟକାରୀ ହେବାର ଥିଲା । ଆଁହଜରତ ସ.ଅ କିଛି ତତ୍ପର ବ୍ୟକ୍ତିମାନଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ନିୟୋଜିତ କରିଥିଲେ ଏବଂ ସ୍ୱୟଂ ମଧ୍ୟ ଏକ ସ୍ଥାନରେ ବସିଥିଲେ । କାରଣ ନିର୍ଣ୍ଣୟ କାର୍ଯ୍ୟକାରୀ ସମୟରେ ଯଦି କୌଣସି ଅସୁବିଧା ଏବଂ ବିଶୃଙ୍ଖଳା ଭଳି ପରିସ୍ଥିତି ସୃଷ୍ଟି ହୁଏ ଓ ସେହି ସ୍ଥିତିରେ ଆପଣ ସ.ଅଙ୍କର ଯଦି କୌଣସି ମାର୍ଗଦର୍ଶନ ଲୋଡ଼ା ହୁଏ ତେବେ ଆପଣ ସ.ଅ ନିଃଶଙ୍କୋଚ ମାର୍ଦର୍ଶନ ପ୍ରଦାନ କରି ପାରିବେ । ସେହିପରି ଯଦି କୌଣସି ଦୋଷୀ ସଂପର୍କରେ କୌଣସି ବ୍ୟକ୍ତି ପକ୍ଷରୁ ଦୟାର ଅପିଲ୍ (ପାର୍ଶ୍ୱବର୍ତ୍ତୀ ଟିପ୍ପଣୀ) କରାଯାଏ ତେବେ ସେ କ୍ଷେତ୍ରରେ ମଧ୍ୟ ଆପଣ ସ.ଅ ତୁରନ୍ତ ନିଷ୍ପତ୍ତିକୁ କାର୍ଯ୍ୟାକାରୀ ତଥା ପ୍ରଣୟନ କରି ପାରିବେ । ଅର୍ଥାତ୍ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ନିର୍ଣ୍ଣୟର ଅପିଲ୍ ନ୍ୟାୟାଳୟ ଦୃଷ୍ଟିରେ ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇପାରୁ ନଥିଲା । କିନ୍ତୁ ଜଣେ ସମ୍ରାଟ୍ କିମ୍ବା ଜଣେ ସଦର୍ ଜମାଅତ୍ ହିସାବରେ ଆପଣ ସ.ଅ କୌଣସି ବ୍ୟକ୍ତି ସଂପର୍କରେ କୌଣସି ବିଶେଷ କାରଣ ଯୋଗୁଁ ଦୟାର ଅପିଲ୍ ଅବଶ୍ୟ ଶୁଣି ପାରୁଥିଲେ । ଆପଣ ସ.ଅ ଦୟାର ଆବଶ୍ୟକତା ଦୃଷ୍ଟିରୁ ମଧ୍ୟ ଆଦେଶ ଜାରି କଲେ ଯେ, ଦୋଷୀମାନଙ୍କୁ ପୃଥକ୍ ପୃଥକ୍ ଭାବରେ ବଧ କରାଯାଉ । ଅର୍ଥାତ୍ ଗୋଟିଏ ଦୋଷୀର ବଧ ସମୟରେ ଅନ୍ୟ ଦୋଷୀମାନେ ପାଖରେ ଛିଡ଼ା ନହୁଅନ୍ତୁ । ସୁତରାଂ ପ୍ରତ୍ୟେକ ଦୋଷୀକୁ ପୃଥକ୍ ପୃଥକ ଭାବରେ ଅଣାଗଲା ଏବଂ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ନିର୍ଣ୍ଣୟ ଅନୁଯାୟୀ ବଧ କରିଦିଆଗଲା ।"

ବନୁ  ନୁଜୈର୍ ସଂପ୍ରଦାୟର ଅଧିପତି ହୁୟଇ ବିନ୍ ଅଖ୍‌ତବ୍ ଯେତେବେଳେ ଆସିଲା ସେତେବେଳେ ଆଁହଜରତ ସ.ଅଙ୍କ ଆଡ଼କୁ ଚାହିଁ କହିବାକୁ ଲାଗିଲା ଯେ, "ହେ ମୁହମ୍ମଦ୍ ସ.ଅ ! ମୁଁ ଏଥିପାଇଁ ଦୁଃଖିତ ନୁହେଁ ଯେ, ମୁଁ ତୁମମାନଙ୍କର କାହିଁକି ବିରୋଧ କଲି ? କିନ୍ତୁ ପ୍ରକୃତ କଥା ଏହିକି ଯେ, ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ପରିତ୍ୟାଗ କରିଦିଏ ଈଶ୍ୱର ମଧ୍ୟ ସେହି ବ୍ୟକ୍ତିକୁ ପରିତ୍ୟାଗ କରିଦିଅନ୍ତି ।" ଏହିପରି ଭାବରେ କାଆବ୍ ବିନ୍ ଅସଦ୍‌କୁ ଯେତେବେଳେ ବଧ କରାଗଲା । କାଆବ୍ ବିନ୍ ଅସଦ୍ ଯେକି ବନୁ କୁରୈଜା ସଂପ୍ରଦାୟର ଅଧିପତି ଥିଲା ତା'କୁ ଯେତେବେଳେ ବଧ ସ୍ଥଳୀକୁ ଅଣାଗଲା ସେତେବେଳେ ଆଁହଜରତ ସ.ଅ  ଇଙ୍ଗିତପୂର୍ବକ ମୁସଲମାନ ହୋଇଯିବା ନିମନ୍ତେ କାଆବ୍ ବିନ୍ ଅସଦ୍‌କୁ କହିଲେ। ସେ କହିଲା, ହେ ଅବୁଲ୍ କାସିମ୍ ! ମୁଁ ମୁସଲମାନ ହୋଇଯାଇ ଥାଆନ୍ତି । କିନ୍ତୁ ଲୋକମାନେ ମୋତେ କହିବେ କାଆବ୍ ବିନ୍ ଅସଦ୍ ମୃତ୍ୟୁ ଭୟରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା । ସୁତରାଂ ମୋତେ ଇହୁଦୀ ଧର୍ମରେ ହିଁ ମୃତ୍ୟୁବରଣ କରିବାକୁ ଦିଅନ୍ତୁ ।"

ସେହିପରି ରୁଫାଆ ନାମକ ଜନୈକ ଇହୁଦୀ ବ୍ୟକ୍ତିର କ୍ଷମା ଯାଚନାର ଚର୍ଚ୍ଚା ମଧ୍ୟ ବର୍ଣ୍ଣନାରେ ଉଲ୍ଲେଖ ଥିବାର ପ୍ରମାଣ ମିଳେ । ଏଥି ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରନ୍ତି ଯେ, "ରୁଫାଆ ନାମକ ଆଉ ଏକ ଇହୁଦୀ ବ୍ୟକ୍ତି ଥିଲା । ସେ ଜଣେ ଦୟାମୟୀ ମୁସଲମାନ ମହିଳାକୁ କାକୁତି ମିନତି କରି ସେହି ମହିଳାକୁ ନିଜର ସୁପାରିଶ ନିମନ୍ତେ ଛିଡ଼ା କରାଇଲା । ଆଁହଜରତ ସ.ଅ ସେହି ମହିଳାର ସୁପାରିଶକୁ ସ୍ୱୀକାର କରି ରୁଫାଆକୁ ମଧ୍ୟ କ୍ଷମା କରିଦେଲେ । ଅତଏବ୍ ସେହି ସମୟରେ ଯେଉଁ ବ୍ୟକ୍ତିର ସୁପାରିଶ ଆଁହଜରତ ସ.ଅଙ୍କ ନିକଟରେ କରାଗଲା ଆପଣ ସ.ଅ ସେହି ସୁପାରିଶକୁ ସ୍ୱୀକାର କରି ସେହି ବ୍ୟକ୍ତିକୁ କ୍ଷମା କରିଦେଲେ । ଏହା ସେହି କଥାର ପ୍ରମାଣ ଅଟେ ଯେ, ଆପଣ ସ.ଅ ହ. ସାଆଦ୍ ର.ଅଙ୍କ ଏହି ନିର୍ଣ୍ଣୟ ତଥା ନିଷ୍ପତ୍ତି ଯୋଗୁଁ ବାଧ୍ୟ ଥିଲେ । ଅନ୍ୟଥା ଆପଣ ସ.ଅଙ୍କ ହୃଦୟ ଜନିତ ଅଭିରୁଚି ସେମାନଙ୍କୁ ବଧ କରିବା ଆଡ଼କୁ କଦାପି ନଥିଲା ।" **(ସିରତ୍**

## ହଦିସେ ନବୱୀ ସ.ଅ.ସ :-

**"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ "  ।**

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

**ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-602)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ସେହି ଆରୋପର ଅତ୍ୟନ୍ତ ସ୍ୱଷ୍ଟ ଉତ୍ତର ଅଟେ ଯେ, ଆପଣ ସ.ଅ ଅତ୍ୟାଚାର କଲେ । ଏହିପରି ବଧ ପ୍ରକ୍ରିୟା ଜାରି ରହିଲା। ଅର୍ଥାତ୍ ବନୁ କୁରୈଜା ସଂପ୍ରଦାୟର ମହିଳାମାନଙ୍କୁ ବଧ କରାଯାଉଥିଲା। ଏପର୍ଯ୍ୟନ୍ତକି ରସୁଲୁଲ୍ଲାଃ ସ.ଅ ସେମାନଙ୍କ ବଧ କାର୍ଯ୍ୟରୁ ମୁକ୍ତ ହୋଇଗଲେ । ସେହି ଇହୁଦୀମାନଙ୍କୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବଧ କରାଗଲା । ପୁନଶ୍ଚ ଗର୍ତ୍ତକୁ ମାଟି ଦ୍ୱାରା ଢାଙ୍କି ଦିଆଗଲା । ଏହି ସମସ୍ତ କାର୍ଯ୍ୟ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଚକ୍ଷୁ ସମ୍ମୁଖରେ ହେଲା (ଘଟିଲା) ଅଲ୍ଲାଃତାଲା ତାଙ୍କର ଦୁଆ (ପ୍ରାର୍ଥନା)କୁ ସ୍ୱୀକାର କରିନେଲେ ଏବଂ ତାଙ୍କ ଚକ୍ଷୁକୁ ଶୀତଳତା ପ୍ରାପ୍ତ ହେଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-13, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993 ମସିହା)**

ଐତିହାସିକ ବର୍ଣ୍ଣନାନୁଯାୟୀ ମହିଳାମାନଙ୍କ ମଧ୍ୟରୁ କେବଳ بُنَانَہ ର ବଧ କରାଗଲା । ନୁବାତା ବନୁ କୁରୈଜା ସଂପ୍ରଦାୟର ଜଣେ ବ୍ୟକ୍ତି ହକମ୍‌ର ପତ୍ନି ଥିଲା। ନୁବାତା ଜଣେ ମୁସଲମାନ ସାହାବି ଯାହାଙ୍କ ନାମ ଖଲ୍ଲାଦ୍ ର.ଅ ଥିଲା । ହ. ଖଲ୍ଲାଦ୍ ର.ଅ ବନୁ କୁରୈଜା ସଂପ୍ରଦାୟର ପ୍ରାଚୀର ଉପରେ ବସିଥିଲେ । ଅତଃ ନୁବାତା ହ. ଖଲ୍ଲାଦ୍ ର.ଅଙ୍କ ଉପରେ ଉପରୁ ପଥର ଫିଙ୍ଗି ତାଙ୍କୁ ମାରି ଦେଇଥିଲା । ତେଣୁ ହ. ଖଲ୍ଲାଦ୍ ର.ଅଙ୍କୁ ଶହୀଦ୍ କରିଥିବା ହେତୁ ନୁବାତ୍‌ର ମଧ୍ୟ ସଂହାର କରିଦିଆ ଯାଇଥିଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ- 13,14, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993 ମସିହା)**

କିନ୍ତୁ କେତେକ ଜୀବନୀକାରମାନେ ଉକ୍ତ ବର୍ଣ୍ଣନା ସହିତ ଏକମତ ନୁହନ୍ତି। ସେମାନଙ୍କ ନିକଟରେ ହୁଏତ ବନୁ ସଂପ୍ରଦାୟ ଖୈବର୍‌ର କେତେକ ବର୍ଣ୍ଣନାକୁ ଉକ୍ତ ଘଟଣା ସହିତ ମିଶିଯିବା ଯୋଗୁଁ ଏବଂ ଅନ୍ୟ କେତେକ ପ୍ରମାଣ ଯୋଗୁଁ ଉକ୍ତ ମହିଳାର ବଧର ଘଟଣାଟି ସଠିକ୍ ନୁହେଁ । ୱଲ୍ଲାହୁ ଆଲମ୍ । ପ୍ରଭୁ ହିଁ ସର୍ବଜ୍ଞ ଓ ଅନ୍ତର୍ଯାମୀ ଅଟନ୍ତି । **(ଅସ୍ ସହି ମିନ୍ ସିରତୁନ ନବୀ ସ.ଅ, ଭାଗ-12, ପୃ-136-137, ଅଲ୍ ମର୍କଜୁଲ୍ ଇସ୍‌ଲାମୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, رَیحَانَہ بِنتِ زَید نَضرِیَّہ ଙ୍କ ଚର୍ଚ୍ଚା ମଧ୍ୟ ମିଳେ । ବନୁ କୁରୈଜା ସଂପ୍ରଦାୟର ମହିଳାମାନଙ୍କୁ ଏବଂ ଛୋଟ ପିଲାମାନଙ୍କୁ ମଦିନାରେ ମୁସଲମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା । ତନ୍ମଧ୍ୟରେ ବନୁ ନୁଜୈର୍ ସଂପ୍ରଦାୟର ଜନୈକା ମହିଳା ଯାହାର ନାମ ରୈହାନା ବିନ୍ ଜୈଦ୍ ନଜରିୟାହ୍ ଥିଲା । ସେହି ମହିଳାର ବିବାହ ହକମ୍ ନାମକ ଜନୈକ ମୁସଲମାନ ବ୍ୟକ୍ତି ସହିତ ହୋଇଥିଲା। ରସୁଲୁଲ୍ଲାଃ ସ.ଅ ସେହି ମହିଳାକୁ ନିଜ ନିମନ୍ତେ ବାଛିଥିଲେ । କେତେକ ଇତିହାସବିତ୍‌ଙ୍କ ମତରେ ସେହି ମହିଳା ଜଣକ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲା । ସେହିପରି ଅନ୍ୟ ଇତିହାସବିତ୍‌ଙ୍କ ମତରେ ଆପଣ ସ.ଅ ସେହି ମହିଳାକୁ ନିଜର ଦାସୀ କରି ରଖିଥିଲେ । ସେହିପରି ଅନ୍ୟ କେତେକଙ୍କ ମତରେ ଆପଣ ସ.ଅ ସେହି ମହିଳା ସହିତ ବିବାହ କରିଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ- 13,14, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993 ମସିହା) (ଜୀବନୀ ଇନ୍‌ସାଇକ୍ଲୋପିଡ଼ିଆ, ଭାଗ-7, ପୃ-428-429, ପ୍ରକାଶକ-ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଭିନ୍ନ ବର୍ଣ୍ଣନା ରହିଛି । କେଉଁ ବର୍ଣ୍ଣନାଟି ଠିକ୍ ଓ କେଉଁଟି ଭୁଲ୍ ତାହାର ସ୍ୱଷ୍ଟୀକରଣ ମଧ୍ୟ ହୋଇଯାଏ । ଯଦି ଉପରୋକ୍ତ ବର୍ଣ୍ଣନା ସଂକ୍ରାନ୍ତରେ ସନ୍ଧାନ ତଥା ଗବେଷଣା କରାଯାଏ ତେବେ ଜ୍ଞାତ ହୁଏ ଯେ, ଜୀବନୀକାର (ଜୀବନୀ ଲେଖକମାନେ) ମାନଙ୍କୁ ତହିଁରେ ଭ୍ରମ ଲାଗିଛି । **ପ୍ରଥମତଃ** ଉପରୋକ୍ତ ବର୍ଣ୍ଣନାଟି ଘଟଣା ବିରୁଦ୍ଧୀୟ ଅଟେ ଏବଂ କପୋଳକଳ୍ପିତ ବର୍ଣ୍ଣନା ଅଟେ। ଯଦି ତହିଁରେ ସତ୍ୟତା ରହିଛି ତେବେ ଏତିକି ସତ୍ୟତା ରହିଛି ଯେ, ଆପଣ ସ.ଅ ସେହି ମହିଳାକୁ ମୁକ୍ତ କରି ଦେଇଥିଲେ । ସେହି ମହିଳା ନିଜ ମାତାପିତାଙ୍କ ଘରକୁ ଚାଲି ଯାଇଥିଲା ଏବଂ ସେହିଠାରେ ହିଁ ସେ ମୃତ୍ୟୁବରଣ କରିଥିଲା । ଯଦିବି ଅସମ୍ଭବ ରୂପେ ଉପରୋକ୍ତ ବର୍ଣ୍ଣନାଟିକୁ ସ୍ୱୀକାର କରିନିଆଯାଏ ତେବେ ନବୀ ଅକ୍ରମ୍ ସ.ଅ ଉକ୍ତ ମହିଳାକୁ ବିବାହ କରି ନଥିଲେ କି ଉକ୍ତ ମହିଳାକୁ ଦାସୀ କରି ରଖି ନଥିଲେ ।

ସୁତରାଂ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ପ୍ରଦାର କରି ରୈହାନାର ଭୁଲ ଘଟଣା ଏକ ବିଷୟବସ୍ତୁ ରଚନା କରି ଉଲ୍ଲେଖ କରିଛନ୍ତି ଯେ, "କେତେକ ଇତିହାସବିତ୍‌ମାନେ ଉଲ୍ଲେଖ କରନ୍ତି ଯେ, ବନୁ କୁରୈଜା ସଂପ୍ରଦାୟର ବନ୍ଦୀମାନଙ୍କ ମଧ୍ୟରେ ରୈହାନା ନାମକ ଜନୈକା ମହିଳା ଥିଲା । ସେହି ମହିଳାକୁ ଆଁହଜରତ ସ.ଅ ନିଜର ଦାସୀ ରୂପେ ରଖି ନେଇଥିଲେ। ଏହି ବର୍ଣ୍ଣନାକୁ ଆଧାର କରି ସାର ୱିଲିୟମ୍ ମିଓର୍ ଇତ୍ୟବସରରେ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଅତ୍ୟନ୍ତ ହୃଦୟବିଦାରକ ଆକ୍ଷେପ କରିଛି । କିନ୍ତୁ ବାସ୍ତବତା ଏହିକି ଯେ, ଉକ୍ତ ବର୍ଣ୍ଣନାଟି ସଂପୂର୍ଣ୍ଣ ରୂପେ ଭୁଲ୍ ଓ ଭିତ୍ତିହୀନ ଅଟେ । ପ୍ରଥମତଃ ସହି ବୁଖାରୀର ଏକ ପ୍ରାମାଣ୍ୟ ଉପରୋକ୍ତରେ ଚର୍ଚ୍ଚିତ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି। ସେହି ବର୍ଣ୍ଣନାଟି ଏହିପରି ଯେ, ଆଁହଜରତ ସ.ଅ ବନୁ କୁରୈଜା ସଂପ୍ରଦାୟର ବନ୍ଦୀମାନଙ୍କୁ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ସହି ବୁଖାରୀର ଏହି ବର୍ଣ୍ଣନାଟି ଉପରୋକ୍ତରେ ବର୍ଣ୍ଣିତ ବର୍ଣ୍ଣନାକୁ ଭୁଲ ବୋଲି ସାବ୍ୟସ୍ତ କରିଦିଏ। ଆଁହଜରତ ସ.ଅ ଯଦି କୌଣସି ମହିଳାକୁ ନିଜ ଘର ପାଇଁ ଚୟନ କରି ପୃଥକ୍ କରି ନେଇଥିଲେ ତେବେ ସ୍ୱଭାବିକ୍ ରୂପେ ଇତ୍ୟବସରରେ ବୁଖାରୀର ବର୍ଣ୍ଣନାରେ ଏହାର ଚର୍ଚ୍ଚା ହେବା ଉଚିତ୍ ଥିଲା । କିନ୍ତୁ ବୁଖାରୀରେ ଏହି ଘଟଣା ସଂପର୍କରେ କୌଣସି ଇଙ୍ଗିତ ମଧ୍ୟ ନାହିଁ । ଏତଦ୍‌ଭିନ୍ନ ଅନ୍ୟ ସଠିକ୍ ବର୍ଣ୍ଣନାମାନଙ୍କରୁ ନିର୍ଦ୍ଦିଷ୍ଟ ରୂପେ ପ୍ରମାଣିତ ହୁଏ ଯେ, ରୈହାନା ସେହି ବନ୍ଦୀମାନଙ୍କ ମଧ୍ୟରୁ ଅନ୍ୟତମ ମହିଳା ଥିଲା ଯାହାକୁ ଆଁହଜରତ ସ.ଅ ଉପକାର ସ୍ୱରୂପ ଛାଡ଼ି ଦେଇଥିଲେ । ଏତଦ୍‌ପରେ ରୈହାନା ମଦିନାରୁ ପ୍ରସ୍ଥାନ କରି ନିଜ ମାତାପିତାଙ୍କ ବଂଶ ଅର୍ଥାତ୍ ବନୁ ନୁଜୈର୍ ସଂପ୍ରଦାୟକୁ ଚାଲି ଆସିଥିଲା । ପୁନଶ୍ଚ ସେହିଠାରେ ହିଁ ରହିଥିଲା । ଅଲ୍ଲାମା ଇବ୍‌ନେ ହଜର୍ ଯେକି ଇସ୍‌ଲାମ୍ ଧର୍ମର ତୁଙ୍ଗ ଗବେଷକମାନଙ୍କ ମଧ୍ୟରୁ ଅନ୍ୟତମ ଗବେଷକ ଅଟନ୍ତି ସେ ଏହି ବର୍ଣ୍ଣନାକୁ ସଠିକ୍ ବୋଲି ବିବେଚିତ କିରଛନ୍ତି । କିନ୍ତୁ ଯଦି ଏହା ସ୍ୱୀକାର କରିନିଆଯାଏ ଯେ, ରୈହାନାକୁ ଆଁହଜରତ ସ.ଅ ସ୍ୱୟଂ ନିଜସ୍ୱ ତତ୍ତ୍ୱାବଧନରେ ଗ୍ରହଣ କରିଥିଲେ ବା ନେଇଥିଲେ ତେବେ ମଧ୍ୟ ନିଃସନ୍ଦେହ ରୂପେ ସେ (ରୈହାନା) ଆପଣ ସ.ଅଙ୍କର ପତ୍ନି ନଥିଲା ଓ ନା ହିଁ ସେ ଆପଣଙ୍କର ଦାସୀ ଥିଲା । ସୁତରାଂ ଯେଉଁ ଇତିହାସବିତ୍‌ମାନଙ୍କର ରୈହାନା ସଂପର୍କରେ ଏପରି ବର୍ଣ୍ଣନା ରିହଛି ଯେ, ଆଁହଜରତ ସ.ଅ ରୈହାନାକୁ ନିଜ ତତ୍ତ୍ୱାବଧାନରେ ନେଇଥିଲେ । ଏହି ହଦିସ୍‌ମାନଙ୍କ ମଧ୍ୟରୁ ଅନେକ ଇତିହାସବିତମାନେ ଏକାସାଙ୍ଗରେ ଏହି ସ୍ୱଷ୍ଟୀକରଣ ପ୍ରଦାନ କରିଛନ୍ତି ଯେ, ଆପଣ ସ.ଅ ସେହି ମହିଳା ଅର୍ଥାତ୍ ରୈହାନାକୁ ମୁକ୍ତ କରି ସେହି ମହିଳା ସହିତ ବିବାହ କରି ନେଇଥିଲେ । ସୁତରାଂ ଇବ୍‌ନେ ସାଆଦ୍ ର.ଅ ସ୍ୱୟଂ ଏକ ବର୍ଣ୍ଣନା ସ୍ୱୟଂ ରୈହାନାର ତୁଣ୍ଡରୁ ଉଲ୍ଲେଖ କରିଛନ୍ତି । ସେହି ବର୍ଣ୍ଣନାରେ ରୈହାନା ନିଜେ ବର୍ଣ୍ଣନା କରେ ଯେ, "ଆଁହଜରତ ସ.ଅ ସ୍ୱୟଂ ମୋତେ ମୁକ୍ତ କରି ଦେଇଥିଲେ । ପୁନଶ୍ଚ ମୁଁ ଯେତେବେଳେ ମୁସଲମାନ ହୋଇଗଲି ସେତେବେଳେ ଆପଣ ସ.ଅ ମୋ ସହିତ ବିବାହ କରି ନେଇଥିଲେ । ମୋର ମେହେର୍ (ବିବାହ ସମୟରେ କନ୍ୟାକୁ ପ୍ରଦାନ କରାଯାଉଥିବା ଅର୍ଥ) 12 ଔକିୟାହ୍ ପ୍ରାୟ 40 ଦିରହମ୍ ଧାର୍ଯ୍ୟ କରିଥିଲେ । ଇବ୍‌ନେ ସାଆଦ୍ ଏହି ବର୍ଣ୍ଣନା ବିପରୀତ ଅନ୍ୟ ବର୍ଣ୍ଣନାଗୁଡ଼ିକୁ ଯାହା ଉପରେ ସାର୍ ୱିଲିୟମ୍ ମିଓର୍ ମୂଳଦୁଆ ରଖିଛି । ଅର୍ଥାତ୍ ଆୟୁଦ୍ଧ କରିଛି ସ୍ୱଷ୍ଟତାର ସହିତ ଭୁଲ୍ ଏବଂ ଘଟଣା ବିପରୀତ ବୋଲି ବିବେଚିତ କରିଛନ୍ତି । ସେ ଯାହା ହେଉ ଅନ୍ୟ ଯେଉଁ ବର୍ଣ୍ଣନାଗୁଡ଼ିକ ରହିଛି ତାହା ସନ୍ଦେହଜନକ ବର୍ଣ୍ଣନା ଅଟନ୍ତି । ସେ ଯାହା ହେଉ ଉଲ୍ଲେଖ ରହିଛି ଯେ, ଏହା ହିଁ ବିଦ୍ୱାନ୍ ଜ୍ଞାନୀମାନଙ୍କର ଗବେଷାଣା ଅଟେ । ଅତଏବ୍ ପ୍ରଥମତଃ ଯେପରିକି ବୁଖାରୀର ବର୍ଣ୍ଣନାରୁ ସିଦ୍ଧ ହୁଏ ଓ ଇସାବାରେ ବ୍ୟାଖ୍ୟା ପ୍ରଦାନ କରାଯାଇଛି । ଆଁହଜରତ ସ.ଅ ରୈହାନାକୁ ନିଜ ତତ୍ତ୍ୱାବଧାନରେ ନେଇ ନଥିଲେ । ବରଂ ସ୍ୱାଧୀନ କରିଦେଇଥିଲେ । ଏତଦ୍‌ପରେ ସେ ନିଜ ବଂଶରେ ଯାଇ ବସବାସ କରିବାକୁ ଲାଗିଥିଲା । ଦ୍ୱିତୀୟତଃ ଉକ୍ତ ବର୍ଣ୍ଣନାକୁ ସ୍ୱୀକାର ମଧ୍ୟ କରାଯାଏ ଯେ, ଆଁହଜରତ ସ.ଅ ରୈହାନାକୁ ନିଜସ୍ୱ ତତ୍ତ୍ୱାବଧାନରେ ନେଇ ନେଇଥିଲେ ତେବେ ମଧ୍ୟ ଆଁହଜରତ ସ.ଅ ସେହି ମହିଳାକୁ ସ୍ୱୀକାର କରି ତା' ସହିତ ବିବାହ କରି ନେଇଥିଲେ । ସେତେବେଳେ ମଧ୍ୟ ଆଁହଜରତ ସ.ଅ ସେହି ମହିଳାକୁ ସ୍ୱଧୀନ କରିଦେଇ ତା' ସହିତ ବିବାହ କରିଥିଲେ ଏବଂ ତା'କୁ ନିଜର ଦାସୀ ରୂପେ ରଖି ନଥିଲେ । ଯେପରିକି ରୈହାନାର ନିଜସ୍ୱ ଏକ ବର୍ଣ୍ଣନା ରହିଛି । ସେହି ବର୍ଣ୍ଣନା ସଂକ୍ରାନ୍ତରେ କେତେକ ଲୋକମାନେ ଉଲ୍ଲେଖ କରିଛନ୍ତି ଯେ, ସେହି ବର୍ଣ୍ଣନାଟି କେତେଦୂର ପର୍ଯ୍ୟନ୍ତ ସଠିକ୍ ତଥା ଯୁକ୍ତିଯୁକ୍ତ ତାହା ଅଲ୍ଲାଃ ହିଁ ଭଲ ଭାବରେ ଜାଣନ୍ତି । ଏତଦ୍‌ଭିନ୍ନ ଉକ୍ତ କଥା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ରୈହାନାର ନାଁ ଓ ବଂଶ ତଥା ସଂପ୍ରଦାୟ ଇତ୍ୟାଦି ସଂକ୍ରାନ୍ତରେ ବର୍ଣ୍ଣନାମାନଙ୍କରେ ଏଭଳି ମତପାର୍ଥକ୍ୟ ରହିଛି ଯେ, ରୈହାନାର ଅସ୍ତିତ୍ୱ ସଂପର୍କରେ ସନ୍ଦେହ ପ୍ରକାଶ କରିବା ଆଦୌ ଯୁକ୍ତିଯୁକ୍ତ ବୋଲି ମନେକରାଯାଇ ପାରିବ ନାହିଁ । ବିଶେଷ କରି

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ସେତେବେଳେ ଯେତେବେଳେ ଉକ୍ତ କଥାକୁ ଦୃଷ୍ଟି ସମ୍ମୁଖରେ ରଖାଯାଏ ଯେ, ରୈହାନାକୁ ଜଣେ ବ୍ୟକ୍ତିର ପତ୍ନି ବୋଲି କୁହାଯାଏ ନିଃସନ୍ଦେହ ରୂପେ ଏହି ମହିଳା ଜଣକ ସଂସାରରେ ସର୍ବାଧିକ ଐତିହାସିକ ବ୍ୟକ୍ତିତ୍ୱର ଅଧିକାରୀ ତାହା ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-602) (ଲୁଗାତୁଲ୍ ହଦିସ୍, ଭାଗ-4, ପୃ-527)**

ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନ ସମ୍ପଦ) ବାଣ୍ଟିବା ସଂପର୍କରେ ଏହି ବିବରଣୀ ରିହଛି ଯେ, ଯେତେବେଳେ ମାଲେ ଗନିମତ୍ ଏକତ୍ରିତ ହୋଇଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ଖଜୁରୀ କୋଳି ଭାଗ ଭାଗ କରି ବାଣ୍ଟିଦେଲେ । ଉକ୍ତ ଯୁଦ୍ଧରେ ୩6ଟି ଅଶ୍ୱ ପ୍ରାପ୍ତ ହୋଇଥିଲା । ଗୋଟିଏ ଅଶ୍ୱ ନିମନ୍ତେ ଦୁଇଟି ଭାଗ ଓ ଅଶ୍ୱାରୋହୀ ନିମନ୍ତେ ଗୋଟିଏ ଭାଗ ଓ ପଦାତିକ ନିମନ୍ତେ ଗୋଟିଏ ଭାଗ ଆପଣ ସ.ଅ ଧାର୍ଯ୍ୟ କରିଥିଲେ । ଉକ୍ତ ଯୁଦ୍ଧରେ ମିହିଳା ଓ ଛୋଟ ପିଲାମାନେ ବନ୍ଦୀ ହୋଇଥିଲେ । ରସୁଲୁଲ୍ଲାଃ ସ.ଅ ମାଲେ ଗନିମତ୍ ବାଣ୍ଟିବା ପୂର୍ବରୁ ପଞ୍ଚମାଂଶ ଭାଗ ବାହାର କଲେ। ବନ୍ଦୀମାନଙ୍କୁ ଆପଣ 5 ଭାଗ କଲେ । ତନ୍ମଧ୍ୟରୁ ଏକ ପଞ୍ଚମାଂଶ ଆପଣ ସ.ଅ ନିଜେ ରଖିନେଲେ । ଆପଣ ସ.ଅ ସେହି ଭାଗ ମଧ୍ୟରୁ ଅର୍ଥାତ୍ ନିଜର ଭାଗ ମଧ୍ୟରୁ ମହିଳା ଓ ପିଲାମାନଙ୍କୁ ମୁକ୍ତ କରୁଥିଲେ ଏବଂ ଭେଟି ଦେଉଥିଲେ ଓ ଦାସ କରୁଥିଲେ । ସେହିପରି ଖଜୁରୀ କୋଳି ମଧ୍ୟରୁ ମଧ୍ୟ ଏକ ପଞ୍ଚମାଂଶ ଭାଗ ବାହାର କଲେ । ଅର୍ଥାତ୍ ଆପଣ ସ.ଅ ପ୍ରତ୍ୟେକ ବସ୍ତୁର ଏକ ପଞ୍ଚମାଂଶ ବାହାର କରି ମାଲେ ଗନିତମ୍ ବାଣ୍ଟି ଦେଲେ । ସେହି ମାଲେ ଗନିମତ୍‌ର ଜିନିଷ ପତ୍ର ମଧ୍ୟରୁ ପ୍ରତ୍ୟେକ ବସ୍ତୁ ନିମନ୍ତେ ଗୁଳା ପଡୁଥିଲା । ଗୁଳାରେ ଯେଉଁ ଭାଗଟି ଏକ ପଞ୍ଚମାଂଶ ବାହାରୁଥିଲା ତାହା ଆପଣ ସ.ଅ ନେଇ ନେଇ ନେଉଥିଲେ । ହ. ମହ୍‌ମିୟାହ୍ ବିନ୍ ଯଜ୍‌ଅ ଜୁବୈଦିଙ୍କୁ ଏକ ପଞ୍ଚମାଂଶ ଉପରେ ନିରୀକ୍ଷକ ରୂପେ ନିଯୁକ୍ତ କଲେ । ପୁନଶ୍ଚ ଅବଶିଷ୍ଟ ଚାରିଭାଗକୁ ଆପଣ ସ.ଅ ବାଣ୍ଟି ଦେଲେ । ରୁସଲୁଲ୍ଲାଃ ସ.ଅ ସେହି ମହିଳାମାନଙ୍କୁ ମଧ୍ୟ ମାଲେ ଗନିମତ୍ ପ୍ରଦାନ କଲେ ଯେଉଁମାନେ ଯୁଦ୍ଧ ସମୟରେ ଉପସ୍ଥିତ ଥିଲେ। ସେହି ମହିଳାମାନଙ୍କ ମଧ୍ୟରେ ହ. ସଫିୟାହ୍ ବିନତ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ର.ଅ, ହ. ଅମ୍ମାରାହ୍ ର.ଅ, ହ. ଉମ୍ମେ ସୁଲୈତ୍ ର.ଅ, ହ. ଉମ୍ମେ ଅଲା ଅନ୍‌ସାରୀୟାହ୍ ର.ଅ, ହ. ସମିରାହ୍ ବିନ୍ତ କୈସ୍ ର.ଅ, ହ. ଉମ୍ମେ ସାଆଦ୍ ବିନ୍ ମୁଆଜ୍ ର.ଅ ଓ ହ. କବ୍‌ଶା ବିନତ୍ ରାଫେ ର.ଅ ଆଦି ମହିଳାମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ବିନ୍ ଉବାଦହ୍ ର.ଅଙ୍କୁ ଏକ ଗୋଷ୍ଠୀ ସହିତ ଏକ ପଞ୍ଚମାଂଶ ଧନ ଅର୍ଥାତ୍ ବନ୍ଦୀମାନଙ୍କୁ ବିକ୍ରି କରିବା ନିମନ୍ତେ ସିରୀୟା ଅଭିମୁଖେ ପ୍ରେରଣ କଲେ । କାରଣ ସେହି ବନ୍ଦୀମାନଙ୍କ ବଦଳରେ ହ. ସାଆଦ୍ ର.ଅ ଅସ୍ତ୍ରଶସ୍ତ୍ର ଓ ଅଶ୍ୱ କ୍ରୟ (କିଣି) ଆଣିବେ । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ଓ ହ. ଅବ୍‌ଦୁଲ୍ ରହ୍‌ମାନ ବିନ୍ ଔଫ୍ ର.ଅ ତହିଁରୁ ଏକ ଭାଗ କ୍ରୟ କରିନେଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ- 13,14, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993 ମସିହା)**

କିନ୍ତୁ ଗୋଟିଏ ମତ ଏହା ମଧ୍ୟ ରହିଛି ଯେ, ସେହି ସମସ୍ତ ବନ୍ଦୀମାନଙ୍କୁ ମଦିନାରେ ହିଁ ରଖାଯାଇଥିଲା । ସେମାନଙ୍କୁ ଅନ୍ୟ କେଉଁଠି ପ୍ରେରଣ କରାଯାଇ ନଥିଲା । ପୁନଶ୍ଚ ସେହି ବନ୍ଦୀମାନଙ୍କୁ ଆଁହଜରତ ସ.ଅ ଧୀରେ ଧୀରେ ଉପକାରପୂର୍ବକ ମୁକ୍ତ ମଧ୍ୟ କରୁଥିଲେ । ସୁତରାଂ ମିର୍ଜା ବଶୀର୍ ଅହେମଦ ସାହେବ ବିଭିନ୍ନ ଇତିହାସ ପୁସ୍ତକମାନଙ୍କ ମଧ୍ୟରୁ ନିଜର ଗବେଷଣା କିରଛନ୍ତି । ଆପଣ ଉଲ୍ଲେଖ କରନ୍ତି ଯେ, ହ. ସାଆଦ୍ ର.ଅଙ୍କ ନୃିଷ୍ପତ୍ତି କ୍ରମେ ମହିଳା ଏବଂ ଛୋଟ ପିଲାମାନଙ୍କୁ ବନ୍ଦୀ କିରିନିଆ ଯାଇଥିଲା । ସେମାନଙ୍କ ସଂକ୍ରାନ୍ତରେ କେତେକ ବର୍ଣ୍ଣନାରୁ ଏହା ଜଣାପଡ଼େ ଯେ, ଆଁହଜରତ ସ.ଅ ସେମାନଙ୍କୁ ନଜଦ୍ ଅଭିମୁଖେ ପ୍ରେରଣ କରିଦେଇଥିଲେ । ଯେଉଁଠି ଅର୍ଥାତ୍ ନଜଦ୍ ଠାରେ କେତେକ ନଜଦୀୟ ସଂପ୍ରଦାୟ ସେମାନଙ୍କର ଫିଦିୟା ପୈଠ କରି ସେମାନଙ୍କୁ ମୁକୁଳାଇ ନେଇଥିଲେ । ଏହି ଅର୍ଥରୁ ମୁସଲମାନମାନେ ନିଜର ଯୁଦ୍ଧ ଆବଶ୍ୟକତା ନିମନ୍ତେ ଅଶ୍ୱ ଓ ଅସ୍ତ୍ରଶସ୍ତ୍ର କ୍ରୟ କରି ନେଇଥିଲେ । ଯଦି ଏପରି ହୋଇଥିବ ତେବେ ଏହା ଅସମ୍ଭବ ନୁହେଁ । କାରଣ ନଜଦୀୟ ସଂପ୍ରଦାୟ ଓ ବନୁ କୁରୈଜା ସଂପ୍ରଦାୟ ପରସ୍ପରର ମିତ୍ର ଥିଲେ । ବନୁ କୁରୈଜା ଯୁଦ୍ଧରୁ କିଛି ଦିନ ପୂର୍ବେ ସେମାନେ ଅହ୍‌ଜାବ୍ ଯୁଦ୍ଧରେ ମୁସଲମାନମାନଙ୍କ ବିପକ୍ଷରେ ଏକତ୍ରିତ ହୋଇ ଯୁଦ୍ଧ ଲଢି ସାରିଥିଲେ । ପ୍ରକୃତରେ ନଜଦ୍‌ବାସୀଙ୍କ ଉସ୍‌କାଇବା ଯୋଗୁଁ ବନୁ କୁରୈଜା ସଂପ୍ରଦାୟ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ବିଦ୍ରୋହ କରି ଧ୍ୱଜା ଉଚ୍ଚ କରିଥିଲା। ଅତଃ ନଜଦ୍‌ବାସୀ ଯଦି ନିଜର ମିତ୍ର ବନୁ କୁରୈଜା ସଂପ୍ରଦାୟର ବନ୍ଦୀମାନଙ୍କୁ ମୁସଲମାନ ହସ୍ତରୁ ମୁକୁଳାଇ ନେଲେ ତେବେ ତହିଁରେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ଓ ଆଚମ୍ବିତ ହେବାର କୌଣସି ମାନେ ନାହିଁ । କିନ୍ତୁ ସଠିକ୍ ବର୍ଣ୍ଣନାମାନଙ୍କରୁ ଜଣାପଡ଼େ ଯେ, ଏହି ବନ୍ଦୀମାନେ ମଦିନାରେ ହିଁ ରହିଥିଲେ । କେଉଁଠି ଯାଇ ନଥିଲେ । ଆଁହଜରତ ସ.ଅ ସେହି ବନ୍ଦୀମାନଙ୍କୁ ପ୍ରଥାନୁଯାୟୀ ବିଭିନ୍ନ ସାହାବାମାନଙ୍କ ତତ୍ତ୍ୱାବଧାନରେ ଓ ନିରୀକ୍ଷଣରେ ବାଣ୍ଟି ଦେଇଥିଲେ । ପୁନଶ୍ଚ ସେହି ବନ୍ଦୀମାନଙ୍କ ମଧ୍ୟରୁ ଅନେକ ବନ୍ଦୀମାନେ ନିଜର ଫିଦାୟା ଦେଇ ନିଜକୁ ମୁକୁଳାଇ ନେଇଥିଲେ । ଆଉ କେତେକ ବନ୍ଦୀମାନଙ୍କୁ ଆପଣ ସ.ଅ ମାଗଣାରେ ଉପକାରପୂର୍ବକ ମୁକ୍ତ କରିଦେଇଥିଲେ। ଅର୍ଥାତ୍ ଛାଡ଼ି ଦେଇଥିଲେ । ପୁନଶ୍ଚ ଏହି ଲୋକମାନେ ପରବର୍ତ୍ତୀ ସମୟରେ ଧୀରେ ଧୀରେ ନିଜେ ମୁସଲମାନ ହୋଇଗଲେ । ସୁତରାଂ ତନ୍ମଧ୍ୟରୁ عَطِیَّہ قُرَظِی ଓ عبدالرحمٰن بن زُبَیر بن بَاطِیَا ଓ କାଆବ୍ ବିନ୍ ସୁଲୈମ୍ ଏବଂ ମୁହମ୍ମଦ୍ ବିନ୍ କାଆବର ନାମ ଇତିସାରେ ସୁରକ୍ଷିତ ରୂପେ ଲିପିବଦ୍ଧ ହୋଇଛି । ଏହି ସମସ୍ତ ବ୍ୟକ୍ତିମାନେ ମୁସଲମାନ ହୋଇଗଲେ । ତନ୍ମଧ୍ୟରୁ ଶେଷ ବ୍ୟକ୍ତି ଅର୍ଥାତ୍ ମୁହମ୍ମଦ୍ ବିନ୍ କାଆବ୍ ଅତି ତୁଙ୍ଗ ଏବଂ ମର୍ଯ୍ୟାଦା ସମ୍ପନ୍ନ ମୁସଲମାନ ରୂପେ ପରିଚିତ ଓ ଅତିକ୍ରାନ୍ତ ହୋଇଛନ୍ତି। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-603-604)**

ଉପରୋକ୍ତରେ ବର୍ଣ୍ଣିତ ମହିଳାମାନେ ବିକ୍ରି ହୋଇଥାଆନ୍ତୁ ଅବା ବଣ୍ଟା ହୋଇଥାଆନ୍ତୁ ପଛେ କିନ୍ତୁ ଇତ୍ୟବସରରେ ଆଁହଜରତ ସ.ଅ ଏପରି ଏକ ଆଦେଶ ଦେଲେ ଯାହା ଆପଣ ସ.ଅଙ୍କ ବ୍ୟାପକ ଦୟା ଓ କରୁଣା ଏବଂ ମହିଳାମାନଙ୍କ ନିମନ୍ତେ ପରୋପକାରୀ ବ୍ୟକ୍ତି ସାବ୍ୟସ୍ତ ହୋଇ ଆପଣ ସ.ଅଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ଉଚିତ୍ । ଆପଣ ସ.ଅ କହିଲେ, ଯେଉଁ ମହିଳାକୁ ବିକ୍ରି କରାଯିବ ଅବା ବଣ୍ଟାଯିବ ତା' ସହିତ ଯଦି ତା'ର ଛୋଟ ପିଲା କିମ୍ବା ଛୋଟ ଶିଶୁ ଥାଏ ତେବେ ସେହି ପିଲା ଏବଂ ସେହି କନ୍ୟାକୁ ତା' ମା ଠାରୁ ଅଲଗା କରା ନଯାଉ । ଅର୍ଥାତ୍ ଯେପର୍ଯ୍ୟନ୍ତ ସେହି ପିଲାମାନେ ସାବାଳକ ହୋଇଯାଇ ନାହାନ୍ତି ସେପର୍ଯ୍ୟନ୍ତ ସେମାନଙ୍କୁ ସେମାନଙ୍କର ମା ଠାରୁ ଅଲଗା କରା ନଯାଉ । ସେହିପରି ଯେଉଁ ମା'ର ଦୁଇଟି କନ୍ୟା ସନ୍ତାନ ଥିବେ ତେବେ ସେହି ବାଳିକାମାନଙ୍କୁ ସାବାଳିକା ନହେବା ପର୍ଯ୍ୟନ୍ତ ସେମାନଙ୍କୁ ସେମାନଙ୍କର ମା' ଠାରୁ ଅଲଗା କରା ନଯାଉ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ- 16, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1993 ମସିହା) (ଗଜ୍‌ୱା ବନୁ କୁରୈଜା, ଲେଖକ-ବାଶ୍‌ମିଲ୍ ସାହେବ, ପୃ-181, ନଫିସ୍ ଏକାଡ଼େମୀ କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ରହେମତୁଲ୍ ଲିଲ୍‌ଆଲମିନ୍ ( ଆପଣ ସ.ଅ ସକଳ ଜଗତ ନିମନ୍ତେ ଦୟା ଓ କରୁଣା ରୂପେ ପ୍ରେରିତ) ହ. ମୁହମ୍ମଦ୍ ସ.ଅଙ୍କ ବ୍ୟବହାର ଏବଂ ଆପଣ ସ.ଅଙ୍କ ମହିଳାମାନଙ୍କର ଉପରେ ଦୟା ତଥା ଉପକାର, ବନ୍ଦୀମାନଙ୍କ ଉପରେ କୃପା, ନିଜର ବିରୋଧୀମାନଙ୍କ ଉପରେ ଅସୀମ ଉପକାର। କିନ୍ତୁ ଆଜି କାଲିକା ମୁସଲମାନମାନଙ୍କର କେଉଁ ଦଶା ଓ କେଉଁ ଅବସ୍ଥା ହୋଇଛି ଯେ, ସେମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅଙ୍କ ନାମରେ ଭଣ୍ଡାମୀ କରି ଲୋକମାନଙ୍କୁ ଠକି ଘରୁ ବିତାଡ଼ିତ କରି ଦେଉଛନ୍ତି । ନିରୀହ ଲୋକମାନଙ୍କୁ ଘରୁ ବାହାର କରି ଦେଉଛନ୍ତି, ଲୋକମାନଙ୍କୁ ହତ୍ୟା କରିଛନ୍ତି । ପୁନଶ୍ଚ ଏହାର ପରିଣାମ ଏହା ବାହାରେ ଯେ, ମୁସଲମାନମାନେ ନିଜ ସମ୍ମାନକୁ ନିଜେ ସମାପ୍ତ କରୁଛନ୍ତି । ଅଲ୍ଲାତାଲା ଏହି ମୁସଲମାନମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ। ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । **ଆମିନ୍ । (ଅଲ୍ ଫଜଲ୍ ଇଣ୍ଟନେସ୍‌ନାଲ୍, ନଭେମ୍ବର ମାସ 15 ତାରିଖ, 2024 ମସିହା, ପୃ-2-6)** ☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ମୋତେ ଦେଖାଗଲା ଏବଂ ନିଜର ପତ୍ନି ଏବଂ ସନ୍ତାନମାନଙ୍କୁ ମଧ୍ୟ ଆମ ଘରକୁ ଆଣିଲା । ସେହିପରି ଜଣେ ଜର୍ମାନ ମହିଳା ଯେକି ମୁସଲାମନ ଧର୍ମ ଗ୍ରହଣ କରି ସାରିଥିଲା । ସେ ମୋ ପାଖକୁ ଆସିଲା । ସେ କଥା କଥାକେ ଚର୍ଚ୍ଚା କଲା ଯେ, ଜେନେରାଲ୍ ନଜିବ୍ ମୋତେ ସାଉଦୀ ଆରବର ଜଣେ ସମ୍ରାଟ୍ ପାଖକୁ ପ୍ରେରଣ କିରଥିଲେ । ସେହି ସମ୍ରାଟ୍ ମୋତେ କହିଲା, ଶ୍ରମତୀ ଆପଣ ମୋ ପୁତ୍ର ସହିତ ବିବାହ କରି ନିଅନ୍ତୁ । ମୁଁ (ଖଲିଫା ସାନି ର.ଅ) କହିଲି ଶ୍ରମତୀ ଆପଣ ଧନ୍ୟବାଦ ଜଣାଉଛି ଆପଣ ବଞ୍ଚିଗଲେ । କାରଣ ସେହି ସମ୍ରାଟ୍ ତଥା ସେମାନଙ୍କର ପୁତ୍ରଙ୍କ ଅନେକ ପତ୍ନିମାନେ ଥାଆନ୍ତି । ସେହି ମହିଳା କହିବାକୁ ଲାଗିଲେ ସମସ୍ତ ମହିଳାମାନେ ପତ୍ନି ହୁଅନ୍ତି ନାହିଁ । ପ୍ରକୃତ ପତ୍ନି କେବଳ ଜଣେ ଥାଏ । **(ଅବଶିଷ୍ଟାଂଶ...ପୃ-୨ରେ)**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍‌ରେ ଡ୍ରାଇଭର (ବାହନ ଚାଳକ) ଚାକିରୀ (ପଦବୀ) ନିମନ୍ତେ ଘୋଷଣା !

(1) ପ୍ରାର୍ଥୀର ବୟସ 18 ବର୍ଷରୁ କମ ଓ 40ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବା (2) ପ୍ରାର୍ଥୀ ସର୍ବନିମ୍ନ ଦଶମ ଶ୍ରେଣୀ ପାସ୍ କରିଥିବା ଉଚିତ୍ । (3) ପ୍ରାର୍ଥୀ ନିକଟରେ ଚାରି ଚକିଆ ଯାନ ଚଳାଇବାର ବୈଧ ଲାଇସେନ୍ସ୍ (ଅନୁଜ୍ଞପ୍ତି) ହେବା ଜରୁରୀ ଅଟେ । (4) ପ୍ରାର୍ଥୀ ନିମନ୍ତେ ଏହା ଆବଶ୍ୟକ ଯେ, ତା' ପାଖରେ କୌଣସି ସରକାରୀ ଅନୁଷ୍ଠାନ ହେଉ ଅବା ବେସରକାରୀ ଅନୁଷ୍ଠାନର ଡ୍ରାଇଭିଂର ସର୍ବନିମ୍ନ 2 ବର୍ଷର ବୈଧ ଡ୍ରାଇଭିଂର (ଯାନ ଚଳାଇବାର) ଅନୁଭବ ଥିବା ଉଚିତ୍ । ସେହିପରି ନିଜର ଆବେଦନ ଫର୍ମ ସହିତ ଉପର ଲିଖିତ ସର୍ତ୍ତାବଳୀ ଅନୁଯାୟୀ ପ୍ରାର୍ଥୀ ଅଭିଜ୍ଞତା ପ୍ରାପ୍ତ କରିଥିବ ଏବଂ ସେଠାକାର Experience Certificate ଉପସ୍ଥାପିତ କରିବା ମଧ୍ୟ ପ୍ରାର୍ଥୀ ପକ୍ଷେ ବାଧ୍ୟତାମୂଳକ ଅଟେ। (5) ପ୍ରାର୍ଥୀ ନିଜର ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଏକାନ୍ତ ବିଧେୟ । (6) ପ୍ରାର୍ଥୀ ପାଇଁ ଲିଖିତ ପରୀକ୍ଷା ଓ ସାକ୍ଷାତକାର ଅର୍ଥାତ୍ ଇଣ୍ଟରଭ୍ୟୁରେ ଉତ୍ତୀର୍ଣ୍ଣ ହେବା ଜରୁରୀ ଅଟେ। (7) ପ୍ରାର୍ଥୀ ନିମନ୍ତେ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାରରେ ଉନ୍ନିତ ହେବା ସ୍ଥଳରେ ସେମାନଙ୍କର ଡ୍ରାଇଭିଂ ଟେଷ୍ଟ (ବାହାନ ଚାଳନା ପରୀକ୍ଷା) ମଧ୍ୟ ନିଆଯିବ। (8) ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିଆନ୍‌ରୁ ମେଡ଼ିକାଲ୍ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ତଥା ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (9) ଚାଳକ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ ତୁଲ୍ୟ ଆଲାଉନସ୍ (ଭତ୍ତା) ଏବଂ ଅନ୍ୟାନ୍ୟ ସୁବିଧା ସବୁ ପ୍ରଦାନ କରାଯିବ । (10) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ପ୍ରାରମ୍ଭିକ 5 ବର୍ଷ ପର୍ଯ୍ୟନ୍ତ ନିଜ ରହିବାର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ । (11) କାଦିୟାନ୍ ଯିବା ଆସିବାର ଗସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍**: ଲିଖିତ ପରୀକ୍ଷା, ସାକ୍ଷାତ୍‌କାର, ଡ୍ରାଇଭିଂ ଟେଷ୍ଟର ତାରିଖ ସଂକ୍ରାନ୍ତରେ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ବିଗତ ପୃ-8ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ.....

ଅନ୍ୟ ସମସ୍ତ ମହିଳାମାନେ ରକ୍ଷିତା (ଅବିବାହିତା) ଥାଆନ୍ତି । ପୁନଶ୍ଚ ସେହି ମହିଳା କହିବାକୁ ଲାଗିଲେ ଯେ, ଇସଲାମ୍ ଧର୍ମ ଯଦି ପୁରୁଷମାନଙ୍କୁ ଏକାଧିକ ବିବାହ ଏବଂ ଏକାଧିକ (ଅର୍ଥାତ୍ ଚାରୋଟି) ପତ୍ନି ରଖିବା ନିମନ୍ତେ ଆଦେଶ ଦିଏ ତେବେ ମୁଁ ମଧ୍ୟ ମୁସଲମାନ ହୋଇଯାଇଛି । ମୋତେ ଏକାଧିକ ପତ୍ନିମାନଙ୍କ ଉପରେ କୌଣସି ଆପତ୍ତି ନାହିଁ । ପୁନଶ୍ଚ ସେହି ମହିଳା ଜଣକ କହିବାକୁ ଲାଗିଲା ଯେ, ମୁଁ ଅନେକ ଥର ପାଦ୍ରୀମାନଙ୍କ ସହିତ କଥାବାର୍ତ୍ତା କରିଛି । ଥରେ ଜଣେ ପାଦ୍ରୀ ଏକାଧିକ ପତ୍ନି ବିରୁଦ୍ଧରେ ଏକ ଭାଷଣ ଦେଲେ । ତେବେ ମୁଁ ତାଙ୍କୁ କହିଲି ପଣ୍ଡିତ ପାଦ୍ରୀ ସାହେବ! ଆପଣ ଅତି ମୂର୍ଖ ଅଟନ୍ତି । ମହିଳା ମୁଁ ଅଟେ ସପତଣୀ (ସଉତୁଣୀ) ମୋର ଆସିବ ନା ତୁମର ଆସିବ । ତୁମର କ'ଣ ଗଲା ଓ ତୁମର କି ଅସୁବିଧା ହେଉଛି କି ? ମୋ ଘରେ ଯଦି ସଉତୁଣୀ ଆସେ ତେବେ ମୋତେ କୌଣସି ଆପତ୍ତି ନାହିଁ । ତୁମେ ତୁଚ୍ଛାଟାରେ (ଖାଲିଟାରେ) କାହିଁକି ଚିଡ଼ି ଚିଡ଼ି ହେଉଛ । ମୁଁ ତ' ଇସ୍‌ଲାମ୍ ଧର୍ମର ଆଦେଶକୁ ମୂଲ୍ୟବାନ ମନେକରୁଛି । କାରଣ ଇସଲାମ୍ ଧର୍ମ ପୁରୁଷମାନଙ୍କୁ ଏକାଧିକ ପତ୍ନିଙ୍କ ସହିତ ବିବାହ କରିବା ନିମନ୍ତେ ଆଦେଶ ଦେଇଛି। କିନ୍ତୁ ତତ୍‌ସହିତ ଇସ୍‌ଲାମ୍ ଧର୍ମ ଏହା ମଧ୍ୟ କହିଛି ଯେ, ସେହି ପତ୍ନୀମାନଙ୍କ ମଧ୍ୟରେ ସମାନ ବ୍ୟବହାର ପ୍ରଦର୍ଶନ କରିବ । ଅର୍ଥାତ୍ ସେମାନଙ୍କୁ (ପତ୍ନିମାନଙ୍କୁ) ଏକ ପ୍ରକାରର ଖାଦ୍ୟ ଖୁଆଅ । ଏକ ପ୍ରକାରର ବସ୍ତ୍ର ପ୍ରଦାନ କର ଓ ସେମାନଙ୍କୁ ଏକ ପ୍ରକାରର ବାସ ଭବନ ଦିଅ । ଯେତେବେଳେ ଏହିସବୁ ଜିନିଷ ଉପସ୍ଥିତ ଅଛି ତେବେ ମହିଳାମାନେ କୌଣସି ଆପତ୍ତି କରି ପାରିବେ ନାହିଁ । ମହିଳାକୁ କୌଣସି ସମସ୍ୟା ଏବଂ ଅସୁବିଧା ନାହିଁ । ଆମେ କୋର୍ଟ ଶିପ୍ ପରେ ବିବାହ କରିଥାଉ । କିନ୍ତୁ ଦୁଇ ବର୍ଷ ପର୍ଯ୍ୟନ୍ତ କୋର୍ଟ ଶିପ୍ କରିବା ସତ୍ତ୍ୱେ ମଧ୍ୟ କଳହ ହୋଇଯାଇଥାଏ । ଯଦି ବହୁ ପତ୍ନି ସ୍ଥିତିରେ ମୋ ସ୍ୱାମୀ ମୋ ସହିତ ଝଗଡ଼ା କରନ୍ତି ତେବେ ସେ ସ୍ଥଳେ ଏତିକି ହିଁ ହେବ ଯେ, ଗୋଟିଏ ଘର ବା ବାସ ଭବନ ମୋର ହେବ ଓ ସେହି ବାସ ଭବନକୁ ଲାଗି ମୋ ସପତଣୀର ଘର ହେବ । ତତ୍‌ସହିତ ତୃତୀୟ ଘର ମୋର ତୃତୀୟ ସଉତୁଣୀର ହେବ । ମୁଁ ସନ୍ଧ୍ୟା ସମୟରେ ସ୍ୱାମୀଙ୍କ ହାତ ଧରି ତାଙ୍କୁ ଅନ୍ୟ ଗୃହକୁ ଠେଲି ଦେଇ କହିବି ଯେ, ହେ ସ୍ୱାମୀ ! ମୁଁ ଦିନ ତମାମ ତୁମର ଅଶୁଭ ମୁଖମଣ୍ଡଳ ଦେଖିଛି । ବର୍ତ୍ତମାନ ତୁମର ଦ୍ୱିତୀୟ ପତ୍ନି ତୁମର ମୁଖମଣ୍ଡଳ ଦେଖୁ । ଯଦି ଏପରି ହୋଇଥାଆନ୍ତା ତେବେ କୋର୍ଟଶିପ୍ ଯୋଗୁଁ ଆମ ମଧ୍ୟରେ କୌଣସି ଝଗଡ଼ା ହୋଇ ନଥାଆନ୍ତା ତାହାହେଲେ ଯାଇ କିଛି କଥା ହୋଇଥାଆନ୍ତା । କିନ୍ତୁ ଯେତେବେଳେ ଆମମାନଙ୍କ ମଧ୍ୟରେ କଳହ ହୁଏ ତେବେ ଏତେ ତ' ଲାଭ ପ୍ରାପ୍ତ ହେବ ଯେ, ଯେତେବେଳେ ସ୍ୱାମୀର ପତ୍ନି ସହିତ କଳହ ତଥା ଝଗଡ଼ା ହୁଏ ତେବେ ପତ୍ନି ସ୍ୱାମୀର ହାତ ଧରି ତା'କୁ ଅନ୍ୟ ପତ୍ନି ଘରକୁ ପଠାଇ ଦେଉ ଓ ସ୍ୱୟଂ ତା'ର କ୍ରୋଧାନ୍ୱିତ ମୁଖମଣ୍ଡଳ ଦିନ ତମାମ ନଦେଖୁ ।

ମୁଁ ସେହି ସଂଗୀତଜ୍ଞ ତଥା ସଂଗତ ବାଦକ ବ୍ୟକ୍ତିଙ୍କୁ ଏହି ଘଟଣା ଶୁଣାଇଲି । ସେ କହିବାକୁ ଲାଗିଲେ, ମହର୍ଷି ପଣ୍ଡିତେ ! ଆପଣ ସେଠାକାର କଥା କହୁଛନ୍ତି ମୁଁ ଲଣ୍ଡନରେ 10,000 ଏପରି ମହିଳା ଦେଖାଇ ପାରିବି ଯେଉଁ ମହିଳାମାନେ ଏଥି ନିମନ୍ତେ ପ୍ରସ୍ତୁତ ଅଟନ୍ତି ଯେ, ସ୍ୱାମୀ ଯଦି ନ୍ୟାୟବାଦୀ ହୋଇ ନ୍ୟାୟକୁ ବିନିଯୋଗ କରେ ତେବେ ସେ ଯେତେ ବିବାହ କରିନେଉ ପଛେ କିନ୍ତୁ ସମସ୍ୟା ତଥା ବିଡ଼ମ୍ବନାର ବିଷୟ ଏହିକି ଯେ, ଆମ ଦେଶରେ ଚରିତ୍ର ଏତେମାତ୍ରାରେ ବିଗିଡ଼ି ଯାଇଛି ଅର୍ଥାତ୍ ଚାରିତ୍ରିକ ସ୍ଖଳନ ଘଟିଛି ଯେ, ଗୋଟେ ଭଲ ସ୍ୱାମୀ ଉପଲବ୍ଧ ଏବଂ ପ୍ରାପ୍ତ ହେବା ସହଜ ସାଧ୍ୟ ନୁହେଁ । ଅର୍ଥାତ୍ ଜଣେ ଉତ୍ତମ ଓ ଆଦର୍ଶ ସ୍ୱାମୀ ମିଳନ୍ତି ନାହିଁ । ହଜରତ ମୁସ୍‌ଲେହ୍ ମଉଦ୍ ର.ଅ କହିଲେ, ବର୍ତ୍ତମାନ ଦେଖ ! ଏହା କେତେ ବଡ଼ ପରିବର୍ତ୍ତନ ଯାହାକି ସେହି ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହେଉଛି । **(ତଫସିର୍ କବିର୍, ଭାଗ-6, ପୃ-87, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)** ☆--☆--☆

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍ ଅନୁଷ୍ଠାନରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ !

### ଦ୍ୱିତୀୟ ଶ୍ରେଣୀୟ ଅଧସ୍ତନ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :

(1) ପ୍ରାର୍ଥୀର ବୟସ 25 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବା (2) ପ୍ରାର୍ଥୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା 10+2 ରେ 45% ପ୍ରତିଶତ ନମ୍ବର ହେବା ଉଚିତ୍ । (3) ପ୍ରାର୍ଥୀ ଉର୍ଦ୍ଦୁ/ଇଂରାଜୀ କମ୍ପୋଜିଙ୍ଗ୍ (ଟାଇପିଙ୍ଗ୍) ଜାଣିଥିବା ଉଚିତ୍ ଓ ଟାଇପିଂ ସ୍ପିଡ୍ 25ଟି ଶବ୍ଦ ପ୍ରତି ମିନିଟ୍ ହେବା ଉଚିତ୍ । (4) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ । (5) ଦ୍ୱିତୀୟ ସ୍ତରର ଅଧସ୍ତନ କର୍ମଚାରୀମାନଙ୍କ ପରୀକ୍ଷା ନିମନ୍ତେ ଯେଉଁ ପାଠ୍ୟଖସଡ଼ା ରହିଛି ତାହା ନିମ୍ନ ଲିଖିତ ଅଟେ । ପ୍ରଶ୍ନ ପତ୍ରର ପ୍ରତ୍ୟେକ ଭାଗରେ ଉତ୍ତୀର୍ଣ୍ଣ ହେବା ଅନିର୍ବାର୍ଯ୍ୟ ଅଟେ ।

**ପ୍ରଥମ ଭାଗ** ☆ପବିତ୍ର କୁରଆନ୍ କରୀମ୍‌ର ନାଜିରା (ଦେଖି ପାଠ କରିବା) ସଂପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ ☆ଚାଲିସ୍ ଜୱାହିର ପାରା ଅନୁବାଦ ସହିତ ☆ଅର୍କାନେ ଇସଲାମ୍, ନମାଜ୍ ସଂପୂର୍ଣ୍ଣ ଅନୁବାଦ ସହିତ **(30 ନମ୍ବର)**

**ଦ୍ୱିତୀୟ ଭାଗ** ☆କିଶ୍ତି ନୁହ୍, ବର୍କାତୁଦ୍ ଦୁଆ, ଦିନି ମାଲୁମାତ୍ ☆ଅକାଏଦ୍ ଜମାଅତ୍ ଅହେମଦିୟା ☆ଦୁର୍ରେ ସମିନରୁ ନଜମ୍ (ଶାନେ ଇସ୍‌ଲାମ୍) **(20 ନମ୍ବର)**

**ତୃତୀୟ ଭାଗ** ☆ ଇଂରାଜୀ ଇଣ୍ଟର୍ ମିଡ଼ିଏଟ୍ (10+2) ସ୍ତର ଅନୁଯାୟୀ **(20 ନମ୍ବର)**

**ଚତୁର୍ଥ ଭାଗ** ☆ ହିସାବ୍ ମ୍ୟାଟ୍ରିକ (ଆଫିସିକ ଇମ୍ପ୍ରେଷ୍ଟ ସଂପର୍କିତ ପ୍ରଶ୍ନ)**(20 ନମ୍ବର)**

**ପଞ୍ଚମ ଭାଗ** ☆ସାଧାରଣ ଜ୍ଞାନ (G.K) **(10 ନମ୍ବର)**

(6) ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ହିଁ ଇଣ୍ଟରଭ୍ୟୁ ହେବ । (7)ଲିଖିତ ପରୀକ୍ଷା, କମ୍ପ୍ୟୁଟର ଟେଷ୍ଟ ଓ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ କାଦିୟାନ୍‌ରୁ ମେଡ଼ିକାଲ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (8)ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ। ପରେ ରହଣୀ ସଂପର୍କିତ ପ୍ରାପ୍ତ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। (9) ଯାତ୍ରା ବା ଗସ୍ତ ଖର୍ଚ୍ଚ କାଦିୟାନ୍ ଯିବା ଆସିବା ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ । **(ନୋଟ୍**: ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ)

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in** ☆ ☆ ☆

## ବିଗତ ବଦର୍ ସଂଖ୍ୟା-48 ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 26-01-2024ର ଅବଶିଷ୍ଟାଂଶ.....

ହ. ଅନସ୍ ର.ଅଙ୍କ ଚଚା ଯେତେବେଳେ ଉକ୍ତ କଥା ଶୁଣିଲେ ସେତେବେଳେ ସେ ଖଜୁରୀ କୋଳି ଖାଉଥିଲେ ଏବଂ କେବଳ ଗୋଟିଏ ଖଜୁରୀ କୋଳି ତାଙ୍କ ହାତରେ ଥିଲା । ସେହି ଖଜୁରୀ କୋଳିକୁ ସେ ଫିଙ୍ଗି ଦେଇ କହିଲେ, ହେ ଉମର୍ ! ମୋ ମଧ୍ୟରେ ଏବଂ ଈଶ୍ୱରଙ୍କ ମଧ୍ୟରେ ଉକ୍ତ ବାଧା ବ୍ୟତୀତ ଆଉ କେଉଁ ବାଧା ଆଉ

ରହିଛି ? ନିଜର ପ୍ରେମ ଏବଂ ଆନ୍ତରୀକତା ଦୃଷ୍ଟିରୁ ହ. ଉମର୍ ର.ଅଙ୍କ ଆଡ଼କୁ ହୀନ ଚକ୍ଷୁରେ ଦେଖି କହିଲେ, ହେ ଉମର୍ ! ଆଁହଜରତ୍ ସ.ଅ ଯଦି ଆରଧାମକୁ ଚାଲି ଯାଇଛନ୍ତି (ଅର୍ଥାତ୍ ମୃତ୍ୟୁବରଣ କରିଛନ୍ତି) ତେବେ ତୁମେ କାହିଁକି ଏଠାରେ ବସିଛ? ଆଁହଜରତ ସ.ଅ ଯେଉଁଠି ଯାଇଛନ୍ତି ଆମେମାନେ ମଧ୍ୟ ସେଠାକୁ ଚାଲିଯିବା । ସେ ଏକୁଟିଆ 3000 ସଂଖ୍ୟକ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ । ଅବିଶ୍ୱାସକାରୀମାନେ ମଧ୍ୟ ଆପଣ ର.ଅଙ୍କୁ ପାଗଳ ବୋଲି ଭାବୁଥିବେ । ଆପଣ ର.ଅ ଲଢୁ ଲଢୁ ବୀରଗିତ ପ୍ରାପ୍ତ କଲେ ଏବଂ ଯେତେବେଳେ ଯୁଦ୍ଧ ପରେ ଆପଣ ର.ଅଙ୍କ ପାର୍ଥିବ ଶରୀର ଅର୍ଥାତ୍ ମୃତ ଶରୀରକୁ ଖୋଜାଗଲା ସେତେବେଳେ ତାଙ୍କର ମୃତ ଶରୀର 70 ଖଣ୍ଡରେ ଖଣ୍ଡ ବିଖଣ୍ଡିତ ହୋଇଥିବାର ମିଳିଲା । ପ୍ରତ୍ୟେକ ଗଣ୍ଠି ଓ ଅଙ୍ଗ ପ୍ରତ୍ୟଙ୍ଗ ଅଲଗା ହୋଇଯାଇଥିଲା। **(ଖୁତ୍‌ବାତେ ମେହମୁଦ୍, ଭାଗ-23, ପୃ-373, ଖୁତ୍‌ବା ଜୁମା ପ୍ରଦତ୍ତ 04 ସେପ୍ଟେମ୍ବର 1942 ମସିହା)**

ହ. ଅନସର୍ ର.ଅଙ୍କ ଶାହାଦତ୍‌ର ଘଟଣାକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ନାନା ସ୍ଥାନରେ ସବିଶେଷ ବିବରଣୀ ସହିତ ବର୍ଣ୍ଣନା କରିଛନ୍ତି । କେତେକ ସ୍ଥାନରେ ବର୍ଣ୍ଣନାଟି ଅତି ଦୀର୍ଘ ହୋଇଯାଇଛି ତ' ଆଉ କେଉଁଠି ବର୍ଣ୍ଣନାଟି ଅତି ସଂକ୍ଷିପ୍ତ ହୋଇଯାଇଛି । ଏକ ସ୍ଥାନରେ ଆପଣ ର.ଅ କୁହନ୍ତି: "ଏକ ହଦିସ୍‌ରେ ଉଲ୍ଲେଖ ରହଛି ଯେ, ଅନସ୍ ବିନ୍ ନଜର୍ ନାମକ ଜନୈକ (ଜଣେ) ଅନ୍‌ସାରୀ ବ୍ୟକ୍ତି ଥିଲେ । ସେ ଭ୍ରମବଶତଃ ବଦର୍ ଯୁଦ୍ଧରେ ସାମିଲ ହୋଇପାରି ନଥିଲେ । ସେ ଯେତେବେଳେ ବଦରୀ (ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବାମାନଙ୍କୁ ବଦରୀ କୁହାଯାଏ) ସାହାବାମାନଙ୍କ ଠାରୁ ବଦର୍ ଯୁଦ୍ଧ ସଂପର୍କରେ ଶୁଣିଲେ ସେତେବେଳେ ଉତ୍ସାହିତ ହୋଇ ଛିଡ଼ା ହୋଇ ପଡ଼ିଲେ ଏବଂ ବିଚରଣ (ବୁଲିବାକୁ ଲାଗିଲେ) । ସେ କହିବାକୁ ଲାଗିଲେ ଯେ, କି କଥା ହେଲା ଏବଂ ସାହାବାମାନଙ୍କୁ କହିଲେ ଯେ, ହେ ସାହାବାମାନେ ତୁମେମାନେ କ'ଣ କହୁଛ ? ସେ ଏହି ଅଭିଳାଷା କରି ସାହାବାମାନଙ୍କୁ କହିଲେ, ଯେ, ହେ ସାହାବାମାନେ ମୋତେ ଯେତେବେଳେ ସୁଯୋଗ ମିଳିବ ସେତେବେଳେ ମୁଁ କହିବି ଅର୍ଥାତ୍ ଦେଖାଇ ଦେବି ଯେ, ବିଶ୍ୱାସକାରୀ କିପରି ବଳିଦାନ ଦିଅନ୍ତି ।

ସୁତରାଂ ଓହୋଦ୍ ଯୁଦ୍ଧରେ ସେ ସାମିଲ୍ ହେଲେ ଏବଂ ଯେତେବେଳେ ପଛ ପଟୁ ହଠାତ୍ ଆକ୍ରମଣ ହେଲା ଏବଂ ମୁସଲମାନମାନଙ୍କର ପାଦ ଯୁଦ୍ଧ ଭୂମିରୁ ଉପୁଡ଼ି ଯିବାକୁ ଲାଗିଲା ଏବଂ ମୁସଲମାନମାନେ ଯୁଦ୍ଧ ଭୂମିରୁ ପଛ ଘୁଞ୍ଚା ଦେଇ କିଛି ଦୂର ପର୍ଯ୍ୟନ୍ତ ଚାଲି ଆସିଲେ ଏବଂ ରସୁଲ୍ କରୀମ୍ ସ.ଅ ଏକୁଟିଆ ରହିଗଲେ ଓ ଅବିଶ୍ୱାସାକୀରୀମାନଙ୍କ ପଥର ବୃଷ୍ଟି ଯୋଗୁଁ ଆପଣ ସ.ଅ ଆହତ ହୋଇ ଅନ୍ୟ ଆହତମାନଙ୍କ ଶରୀର ଉପରେ ଯାଇ ପଡ଼ିଗଲେ । ଠିକ୍ ସେତିକିବେଳେ ଆଉ କିଛି ଲୋକମାନେ ଆହତ ହୋଇ ଆପଣ ସ.ଅଙ୍କ ଉପରେ ଆସି ପଡ଼ିଗଲେ । କିଛି ମିନିଟ୍ (ସମୟ) ପରେ ଲୋକମାନେ ଯେତେବେଳେ ଆପଣ ସ.ଅଙ୍କୁ ଅନୁପସ୍ଥିତ ଦେଖି ବୁଝିନେଲେ ଯେ, ନାଉଜୁବିଲ୍ଲାଃ ଆପଣ ସ.ଅ ଶହୀଦ୍ (ବୀରଗତି ପ୍ରାପ୍ତ କରି ନେଇଛନ୍ତି) ହୋଇ ଯାଇଛନ୍ତି । ସେତେବେଳେ କିଛି ଲୋକମାନେ ଦଉଡ଼ି ଯାଇ ମଦିନା ଯାହାକି ଓହୋଦ୍ ନିକଟବର୍ତ୍ତୀ ଥିଲା ଏହା ପ୍ରଚାର କିରଦେଲେ ଯେ, ନାଉଜୁବିଲ୍ଲାଃ ରସୁଲ୍ କରୀମ୍ ସ.ଅ ଶହୀଦ୍ ହୋଇଯାଇଛନ୍ତି ।

ଉକ୍ତ ଖବରଟି ସେହି ଲୋକମାନଙ୍କ ପର୍ଯ୍ୟନ୍ତ ଅର୍ଥାତ୍ ଯେଉଁମାନେ ଯୁଦ୍ଧ ଭୂମିରୁ କିଛି ଦୂରରେ ପଛରେ ଥିଲେ ସେହି ଲୋକମାନଙ୍କ ପର୍ଯ୍ୟନ୍ତ ଉକ୍ତ ଖବରଟି ବିଜୁଳୀ ଗତିରେ ପହଞ୍ଚିଗଲା। ଅର୍ଥାତ୍ ସେହି ଲୋକମାନଙ୍କ ପର୍ଯ୍ୟନ୍ତ ଉକ୍ତ ଖବରଟି ପହଞ୍ଚିଗଲା ଯେ, ଆପଣ ସ.ଅ ନାଉଜୁବିଲ୍ଲାଃ ଶହୀଦ୍ ହୋଇଯାଇଛନ୍ତି । ସେହି ଲୋକମାନଙ୍କ ମଧ୍ୟରେ ହ. ଉମର୍ ର.ଅ ମଧ୍ୟ ଥିଲେ । ସେ ଏକ ପଥର ଚଟାଣ ଉପରେ ବସି କାନ୍ଦୁଥିଲେ। ଠିକ୍ ସେତିକିବେଳେ ଅନସ୍ ବିନ୍ ନଜର୍ ର.ଅ ଯେକି ଯୁଦ୍ଧ ପୂର୍ବରୁ ଭୋଜନ କରି ନଥିଲେ ସେ ଦୁଇ ତିନୋଟି ଖଜୁରୀ କୋଳି ଖାଇ ତାଙ୍କ ନିକଟ ଦେଇ ଅତିକ୍ରମ କଲେ । ସେ ସେତେବେଳେ ଯୁଦ୍ଧ ଭୂମିରୁ ଆସିଥିଲେ । ଅପର ପକ୍ଷେ ମୁସଲମାନମାନେ ଜୟଯୁକ୍ତ ହୋଇ ସାରିଥିଲେ ଏବଂ ଅବିଶ୍ୱାସକାରୀମାନେ ପରାଜିତ ହୋଇ ସାରିଥିଲେ ।

ହ. ଉମର ର.ଅ ସେତେବେଳେ ଯୁଦ୍ଧଭୂମିରୁ ଚାଲି ଆସିଥିଲେ । କିନ୍ତୁ ତାଙ୍କ ପଛ ପଟୁ ଶତ୍ରୁ ପୁନଃ ଆକ୍ରମଣ କରିଥିଲା ଓ ରସୁଲ୍ କରୀମ୍ ସ.ଅ ଆହତ ହୋଇ ଯାଇଥିଲେ । କେତେକ ସାହାବାମାନେ ଏହା ଭାବିଲେ ଯେ, ଆପଣ ସ.ଅ ଶହୀଦ୍ ହୋଇଯାଇଛନ୍ତି। ଅତଃ ସେମାନେ ଆପଣ ସ.ଅଙ୍କୁ ହରାଇ କାନ୍ଦୁଥିଲେ । ଅର୍ଥାତ୍ ହ. ଉମର୍ ର.ଅ ସେତେବେଳେ ରୋଦନ ଓ ବିଳାପ କରୁଥିଲେ । ଅପରପକ୍ଷେ ହ. ଅନସ୍ ର.ଅ ସେତେବେଳେ ଆନନ୍ଦ ଉଲ୍ଲାସରେ ବିଭୋର ହୋଇଯାଇଥିଲେ । କାରଣ ସେ ଏଇଥି ପାଇଁ ଉଲ୍ଲସିତ ଥିଲେ ଯେ, ଆମେମାନେ ଅର୍ଥାତ୍ ମୁସଲମାନମାନେ ଜୟଯୁକ୍ତ ହୋଇଯାଇଛନ୍ତି ।

ସୁତରାଂ ହ. ଉମର୍ ର.ଅଙ୍କ କାନ୍ଦିବାଟା ହ. ଅନସ୍ ର.ଅଙ୍କୁ ଆଶ୍ଚର୍ଯ୍ୟକର ବୋଲି ପ୍ରତିତ ହେଲା। ସେ ଆଶ୍ଚର୍ଯ୍ୟଚକିତ ହୋଇ ହ. ଉମର୍ ର.ଅଙ୍କୁ ଦେଖି କହିବାକୁ ଲାଗିଲେ ଯେ, ହେ ଉମର୍ ! ଏହି ସମୟ ଆନନ୍ଦ ଉଲ୍ଲାସର ସମୟ ନା ରୋଦନ ବିଳାପ କରିବାର ସମୟ ? ଅଲ୍ଲାଃତାଲା ମୁସଲମାନମାନଙ୍କୁ ବିଜୟ ପ୍ରଦାନ କିରଚନ୍ତି। ଆମେମାନେ ତ' ଆନନ୍ଦିତ ହେବା ଉଚିତ୍ । ହ. ଉମର୍ ର.ଅ ମୁଣ୍ଡ ଉପରକୁ କରି ତାଙ୍କ ଆଡ଼କୁ ଚାହିଁ କହିଲେ, ହେ ଅନସ୍ ! ସମ୍ଭବତଃ ତୁମକୁ ଜ୍ଞାତ ନାହିଁ ବା ତୁମେ ଜାଣି ନାହଁ ଯେ, ପରବର୍ତ୍ତୀ ସମୟରେ ଯୁଦ୍ଧର ନକ୍ସା ସଂପୂର୍ଣ୍ଣ ବଦଳିଗଲା । ଅର୍ଥାତ୍ ଶତ୍ରୁ ପର୍ବତର ପଛ ପଟୁ ଆସି ପୁଣିଥରେ ଆକ୍ରମଣ କରିଦେଲା ଏବଂ ହଠାତ୍ ଆକ୍ରମଣକୁ ସହ୍ୟ କରି ନପାରି ଇସ୍‌ଲାମୀୟ ସୈନ୍ୟବାହିନୀ ବିକ୍ଷିପ୍ତ ହୋଇଗଲା ଏବଂ ରୁସଲ୍ କରୀମ୍ ସ.ଅ ଶହୀଦ୍ ହୋଇଗଲେ ।

ହ. ଅନସ୍ ର.ଅଙ୍କ ହସ୍ତରେ ସେତେବେଳେ ଗୋଟିଏ ଖଜୁରୀ କୋଳି ଥିଲା । ସେ ଖଜୁରୀ କୋଳି ଉଠାଇ ଭୂମି ଉପରେ ଫୋପାଡ଼ି ଦେଲେ ଏବଂ କହିଲେ, ମୋର ଏବଂ ପ୍ରିୟତମଙ୍କ ମଧ୍ୟରେ ଏହି ଖଜୁରୀ କୋଳି ବ୍ୟତୀତ ଆଉ କେଉଁ ବସ୍ତୁ ବାଧା ହୋଇ ଛିଡ଼ା ହୋଇଛି କି ?

ପୁନଶ୍ଚ ହ. ଅନସ୍ ର.ଅ ହ. ଉମର୍ ର.ଅଙ୍କୁ ଦେଖିଲେ ଏବଂ କହିଲେ, ହେ ଉମର୍ ତୁମେ ଯାହା କିଛି କହୁଛ ଯଦି ତାହା ସତ୍ୟ ତେବେ ଏହା ରୋଦନ କରିବାର ସମୟ ନୁହେଁ । ଆମମାନଙ୍କୁ ମଧ୍ୟ ସେହି ଆଡ଼କୁ ଯଥାଶୀଘ୍ର ଯିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ ଯେଉଁଆଡ଼େ ଆମର ପ୍ରିୟତମ (ମୁନିବ ହ. ମୁହମ୍ମଦ୍ ସ.ଅ) ଯାଇଛନ୍ତି। ଅର୍ଥାତ୍ ବୈକୁଣ୍ଠ ପୁରକୁ । ଏହା କହି ହ. ଅନସ୍ ର.ଅ ଖଡ଼୍ଗ ଖୋଳରୁ ଖଡ଼୍ଗ ବାହାର କରିନେଲେ ଏବଂ ବିଶାଳ ଶତ୍ରୁ ସୈନ୍ୟବାହିନୀ ଭିତରେ ଯାଇ ପ୍ରବେଶ କରି ସେମାନଙ୍କ ଉପରେ ଆକ୍ରମଣ କରିଦେଲେ ।

ଜଣେ ବ୍ୟକ୍ତି ଏତେ ବିଶାଳ ସଂଖ୍ୟକ ସୈନ୍ୟବାହିନୀଙ୍କର ମୁକାବିଲା କିପରି ଓ କେତେ ସମୟ ପର୍ଯ୍ୟନ୍ତ କରିପାରି ଥାଆନ୍ତା । କିଛି ସମୟ ପରେ ହ. ଅନସ୍ ବିନ୍ ନଜର୍ ର.ଅଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଭୂମି ଉପରେ ବିକ୍ଷିପ୍ତ ହୋଇଗଲା । ଏତଦ୍‌ପରେ ଅଲ୍ଲାଃତାଲା ଯେତେବେଳେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ ସେତେବେଳେ ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ! ଅନସ୍ ର.ଅଙ୍କୁ ଖୋଜ । ସେ କେଉଁଠି ଅଛନ୍ତି ? ସାହାବାମାନେ ଆସି ଆଁହଜରତ ସ.ଅଙ୍କୁ ଏହି ସୂଚନା ପ୍ରଦାନ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତାଙ୍କର ତ' କିଛି ଖୋଜ ଖବର ଏବଂ ପତ୍ତା ମିଳୁ ନାହିଁ (ସେ ମିଳୁ ନାହାନ୍ତି) । ଆପଣ ସ.ଅ ସାହାବାମାନଙ୍କୁ ପୁଣିଥରେ ହ. ଅନସ୍ ବିନ୍ ନଜର୍ ର.ଅଙ୍କୁ ଖୋଜିବା ନିମନ୍ତେ ଆଦେଶ ଦେଲେ । ଠିକ୍ ସେତିକିବେଳେ ତାଙ୍କର (ହ. ଅନସ୍ ର.ଅଙ୍କ) ଭଉଣୀକୁ ଯେତେବେଳେ ଉକ୍ତ ଭୟଙ୍କ ଯୁଦ୍ଧ ସଂପର୍କରେ ସୂଚନା ମିଳିଲା ଯେ, ହ. ଆଁହଜରତ ସ.ଅ ନାଉଜୁବିଲ୍ଲାଃ ଯୁଦ୍ଧରେ ଶହୀଦ୍ ହୋଇଯାଇଛନ୍ତି । ସେତେବେଳେ ସେ ମଦିନାରୁ ସିଧା ସଳଖ ବାହାରି ଆସି ଯୁଦ୍ଧ ଭୂମିରେ ପହଞ୍ଚିଲେ । ଗୋଟିଏ ସ୍ଥାନରେ ସେ ଯେତେବେଳେ ଏକ ଶବର ଖଣ୍ଡ ବିଖଣ୍ଡିତ ଅବସ୍ଥାକୁ ଦେଖିଲେ ସେତେବେଳେ ସେ ହ. ଅନସର୍ ବିନ୍ ନଜର୍ ର.ଅଙ୍କୁ ଅଙ୍ଗ ପ୍ରତ୍ୟଙ୍ଗର ଏକ ଖଣ୍ଡ ମାଧ୍ୟମରେ ଚିହ୍ନି ପକାଇଲେ । ସେ କହିଲେ, ଏଇଟା ମୋ ଭାଇର ଶବ ଅଟେ । ଏତଦ୍‌ପରେ ରସୁଲ୍ କରୀମ୍ ସ.ଅଙ୍କୁ ସୂଚନା ପ୍ରଦାନ କରାଗଲା ଯେ, ହ. ଅନସ୍ ର. ଶହୀଦ୍ ହୋଇ ଯାଇଛନ୍ତି । **(ତଫ୍‌ସିର କବୀର୍, ଭାଗ-7, ପୃ-585-586, ସଂସ୍କରଣ ବର୍ଷ-2004 ମସିହା)**

(**ବିଶିଷ୍ଟ ଦ୍ରବ୍ୟ**: ତଫସରି କବିର୍‌ର ଉକ୍ତ ପ୍ରାମାଣ୍ୟରେ ଅନସ୍ ର.ଅଙ୍କ ନାମ ମାଲିକ୍ ବିନ୍ ଅନସ୍ ର.ଅ ବୋଲି ନାମୋଲ୍ଲେଖ ହୋଇଛି । ଅପରପକ୍ଷେ ହଦିସ୍ ଏବଂ ଇତିହାସର ପୁସ୍ତକରେ ହ. ଅନସ୍ ର.ଅଙ୍କ ନାମ ଅନସ୍ ବିନ୍ ନଜର୍ ର.ଅ ବୋଲି ବର୍ଣ୍ଣିତ ହୋଇଛି । ଅତଃ ଏଠାରେ ପ୍ରକୃତ ନାମ ହିଁ ଉଲ୍ଲେଖ କରାଯାଉଛି।)

ହୁଜୁର ଅନ୍‌ୱର ଅ.ବ କହିଲେ, ଏହା ଥିଲା ସାହାବାମାନଙ୍କର ଆଁହଜରତ ସ.ଙ୍କ ପ୍ରତି ଥିବା ଅନାବିଳ ପ୍ରେମ ଓ ଆନ୍ତରୀକତା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଓ ସାହାବାମାନଙ୍କର ଉକ୍ତ ଚର୍ଚ୍ଚାଟି ବର୍ତ୍ତମାନ ଜାରି ରହିଛି ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାମାନଙ୍କରେ ଆଲୋଚନା କରାଯିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ଦୁଆରେ ଆପଣମାନେ ୟମନ୍‌ରେ ଅହେମଦିମାନଙ୍କୁ ମଧ୍ୟ ସ୍ମରଣ ରଖନ୍ତୁ । ସେମାନେ ଆଜାକିଲ ନାନା ସମସ୍ୟାରେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଦ୍ଧ କ୍ରମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ସମସ୍ୟା ଗ୍ରସ୍ତ ଅଟନ୍ତି । ସେହିପରି ସମଗ୍ର ମୁସ୍‌ଲିମ୍ ଜାତି ପାଇଁ ଦୁଆ କରନ୍ତୁ । ବିଶ୍ୱ ଦ୍ରୁତ ଗତିରେ ଯୁଦ୍ଧ ମୁହାଁ ହେଉଛି । ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ଜୁମା ପରେ ମୁଁ ଦୁଇଟି ମୃତକମାନଙ୍କର ନମାଜ ଯନାଜାଃ ପାଠ କରିବି । ପ୍ରଥମ ମୃତକଙ୍କର ଯନାଜାଃ ହେଲା ଶ୍ରୀମାନ ସ୍ୱର୍ଗତ ହାଫିଜ୍ ଡାକ୍ତର ଅବ୍‌ଦୁଲ୍ ହମିଦ୍ ଗାମାଙ୍ଗା ସାହେବଙ୍କର । ସେ ସେରାଲିଓନ୍‌ର ଅମୀର୍ ଥିଲେ । ଜାନୁୟାରୀ ମାସ 13 ତାରିଖ ଦିନ କିଛି ସମୟ ଆସୁସ୍ଥ ହୋଇଥିଲେ ଏବଂ 45 ବର୍ଷ ବୟସରେ ଈଶ୍ୱରଙ୍କ ଲିଖିତ ବିଧାନ ଅନୁଯାୟୀ ତାଙ୍କର ଅକାଳ ବିୟୋଗ ହୋଇ ଯାଇଥିଲା । اِنَّا لِلّٰہِ وَاِنَّاۤ اِلَیۡہِ رٰجِعُوۡنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଅବ୍‌ଦୁଲୁ ହମିଦ୍ ଗାମାଙ୍ଗା ସାହେବ ମୁସି (ଓସିୟତ୍‌କାରୀ ବ୍ୟକ୍ତି) ଥିଲେ । 45 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଥିଲା ।

ସେରାଲିଓନ୍‌ର ଅମୀର୍ ମୁସା ମେୱାହ୍ ସାହେବ ଉଲ୍ଲେଖ କରନ୍ତି ଯେ, ଡାକ୍ତର ଗାମାଙ୍ଗା ସାହେବ ସେରାଲିଓନ୍‌ରେ ସର୍ବାଧିକ ଚାନ୍ଦା ପୈଠକାରୀ ଓ ଓସିୟତ୍ ପୈଠକାରୀ ବ୍ୟକ୍ତି ଥିଲେ । ଯେତେବେଳେ ଏହି ବିନୀତ ତଥା ଅଧମ ଲୋକମାନଙ୍କୁ ନୂତନ ଜଲ୍‌ସାଗାହ୍ କିଣିବା ଏବଂ ଏଥି ନିମନ୍ତେ ଆର୍ଥିକ ସାହାଯ୍ୟ କରିବା ନିମନ୍ତେ ଅପିଲ୍ କଲା ସେତେବେଳେ ଡାକ୍ତର ଗାମାଙ୍ଗା ସାହେବ ଅଧିକ ଅର୍ଥ ଦେବାର ପ୍ରତିଶୃତି କଲେ ଏବଂ ନିଜ ବିୟୋଗ ପୂର୍ବରୁ ଦଶ ହଜାର ଆମେରିକୀୟ ଡଲାର ଡୋନେଶନ୍ ସ୍ୱରୂପ ପୈଠ କରିଦେଲେ ।

ଡାକ୍ତର ସାହେବ ନୁସ୍ରତ୍ ଯାହାଁ ସ୍କିମ୍ ଅନ୍ତର୍ଗତ 5 ବର୍ଷ ପାଇଁ ନିଜକୁ ୱକ୍‌ଫ୍ (ଉତ୍ସର୍ଗ) କିରଥିଲେ । ସ୍ୱର୍ଗତ ଗାମାଙ୍ଗା ସାହେବଙ୍କର ନିଇଜିରିୟା ଠାରେ ନିଯୁକ୍ତି ହୋଇଥିଲା । କିନ୍ତୁ ନିଯୁକ୍ତି ପ୍ରକିୟା ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିଲା ଏବଂ କାଗଜ ପତ୍ର ବର୍ତ୍ତମାନ ସଂପୂର୍ଣ୍ଣ ହୋଇ ନଥିଲା । ଉକ୍ତ ଅବଧି ମଧ୍ୟରେ ତାଙ୍କୁ ଆମର ଜଣେ ପାକିସ୍ତାନୀ ଡାକ୍ତରଙ୍କ ଯିବା ଯୋଗୁଁ ଫ୍ରି ଟାଉନ୍‌ର ହସ୍ପିଟାଲରେ ହିଁ ସେବା କରିବାର ସାମର୍ଥ୍ୟ ପ୍ରାପ୍ତ ହେଲା ଏବଂ ଅନେକ ପରିଶ୍ରମର ସହକାରେ ସେ ସେଠାରେ କାର୍ଯ୍ୟ ତଥା ସେବା କିରଥିଲେ । ଉକ୍ତ ଅବଧି ମଧ୍ୟରେ ତାଙ୍କ ହସ୍ପିଟାଲ ପକ୍ଷରୁ ତାଙ୍କ ଭାଗରେ ଯେତିକି ଅର୍ଥ ପ୍ରାପ୍ତ ହେଲା ସେହି ଅର୍ଥକୁ ସେ ହସ୍ପିଟାଲକୁ ଦାନ କରିଦେଲେ ଏବଂ ହସ୍ପିଟାଲର ସୌନ୍ଦର୍ଯ୍ୟକରଣ ଏବଂ ମରାମତି କାର୍ଯ୍ୟ କରାଇଲେ । ଉକ୍ତ ଅର୍ଥ ସ୍ଥାନୀୟ ମୁଦ୍ରା ଅନୁଯାୟୀ 2 ଲକ୍ଷ ଲିଓନ୍ ହେବ ।

ମହୋଦୟ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ତାଙ୍କ ଜୀବନର ସବୁଠୁ ବଡ଼ ଏକ ଅନୁତାପ ରହିଥିଲା । ସେହି ଅନୁତାପ ଏହା ଥିଲା ଯେ, ସେ ଉପସ୍ଥିତ ଖଲିଫାଙ୍କୁ ସାକ୍ଷାତ୍ କରିପାରି ନଥିଲେ । ଖଲିଫାଙ୍କ ସହିତ କେବେ ଭେଟ ହୋଇପାରି ନଥିଲା ତାଙ୍କର । ହୁଜୁର ଅନୱର୍ ଅ.ବ କହିଲେ, ମୋ ସହିତ ସାକ୍ଷାତ୍ କରିବାକୁ ସେ ଦୁଇଥର ଉଦ୍ୟମ କିରଥିଲେ । କିନ୍ତୁ ତାଙ୍କୁ ଭିଜା ମିଳିଲା ନାହିଁ । ମେଡ଼ିକାଲରେ କାର୍ଯ୍ୟ କରିବା ସମୟରେ ଅଭାବି ତଥା ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କର ସେ ନିଃଶୁଳ୍କ ରୋଗୀସେବା ଓ ଚିକିତ୍ସା କୁରଥିଲେ । ଅନେକ ଅହେମଦି ଛାତ୍ରମାନେ ଯେଉଁମାନଙ୍କର ଅଭିଭାବକମାନେ କଲେଜ୍ ଫିସ୍ ପୈଠ କରିପାରୁ ନଥିଲେ ସେହି ଛାତ୍ରମାନଙ୍କର ମେଡ଼ିକାଲ ଫିସ୍ ସ୍ୱର୍ଗତ ଡାକ୍ତର ଗମାଙ୍ଗା ସାହେବ ପୈଠ କିରଦେଉଥିଲେ ଏବଂ ସେମାନଙ୍କୁ ସେ ଆର୍ଥିକ ସାହାଯ୍ୟ ମଧ୍ୟ କରୁଥିଲେ ।

ସ୍ୱର୍ଗତ ଜଣେ ବିଶ୍ୱସ୍ତ, ପରିଶ୍ରମୀ, ଉଦ୍ୟମୀ ଓ ଅନ୍ୟମାନଙ୍କୁ ସାହାଯାକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତାଙ୍କର ବିବାହ ଆମ ଏଠିକାର ଜୋଟୋମି କାଲୋନ୍ ସାହେବଙ୍କର କନିଷ୍ଠ ଭଉଣୀ କାଦିୟାତା (Kadie Yatta Gamanga) ସାହେବାଙ୍କ ସହିତ ହୋଇଥିଲା । ସ୍ୱର୍ଗତ ଗାମାଙ୍ଗା ସାହେବଙ୍କର ଦୁଇଟି ଛୋଟ ସନ୍ତାନ ରହିଛନ୍ତି । କନ୍ୟାର ବୟସ 4 ବର୍ଷ ଓ ପୁତ୍ରର ବୟସ ବର୍ଷେ କି 2 ବର୍ଷ ହେବ।

ହୁଜୁର ଅନୱର୍ ଅ.ବ କୁହନ୍ତି ସେଠାକାର ମୁବଲ୍ଲିଗ୍ ସିଲସିଲା ସଇଦୁଲ୍ ହସନ ଶାହ୍ ସାହେବ କୁହନ୍ତି ଯେ, ସ୍ୱର୍ଗତ ଡାକ୍ତର ଗମାଙ୍ଗା ସାହେବ ଅସଂଖ୍ୟ ସୁଗୁଣାବଳୀର ଅଧିକାରୀ ଥିଲେ । ମୁଁ ତାଙ୍କୁ ବ୍ୟକ୍ତିଗତ ରୂପେ ଜାଣିଛି । ଯେତେବେଳେ ମୁସା ମେୱା ସାହେବ ନୂତନ ଅମୀର ଭାବରେ ନିଯୁକ୍ତ ହେଲେ ସେତେବେଳେ ତାଙ୍କ ଦଳର ପ୍ରମୁଖ ବ୍ୟକ୍ତିତ୍ୱ ଡାକ୍ତର ଗମାଙ୍ଗା ସାହେବ ଥିଲେ । କେନିୟାରେ ଗାଏନାକୋଲୋଜିଷ୍ଟର ଅଭିଜ୍ଞ ଚିକିତ୍ସକ ଏବଂ ଉପାଧି ପ୍ରାପ୍ତ କିର ସେ ସେରାଲିଓନ୍ ଆସିଥିଲେ । ତାଙ୍କର ଏକ ବିଶେଷତା ଏହା ଥିଲା କି ସେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ । ଦିବା ରାତ୍ର ପରିଶ୍ରମ କରି କରି ସେ ଭୁଲି ମଧ୍ୟ ଯାଉଥିଲେ ଯେ, ତାଙ୍କର ସ୍ତ୍ରୀ ଓ ପିଲାଛୁଆ ମଧ୍ୟ ଅଛନ୍ତି ଏବଂ ତାଙ୍କର ସ୍ତ୍ରୀ ପିଲା ଛୁଆମାନେ ତାଙ୍କୁ ଅପେକ୍ଷା କରୁଥିବେ । ହାଫିଜେ କୁରଆନ୍ ମଧ୍ୟ ଥିଲେ ଏବଂ ଅନେକ ସୁମଧୁର କଣ୍ଠରେ ତିଲାୱତ୍ କରୁଥିଲେ । ବିଗତ ରମ୍‌ଜାନ୍ ମାସରେ ହେଡ୍ କ୍ୱାର୍ଟର୍‌ରେ ନମାଜେ ତରାୱିହ୍ ମଧ୍ୟ ପଠା କରାଇଥିଲେ ଏବଂ ଲୋକମାନେ ତହିଁରୁ ଆନନ୍ଦିତ ଓ ଆସ୍ୱାଦିତ ମଧ୍ୟ ହେଲେ । ବିନୀତତା ମଧ୍ୟ ଡାକ୍ତର ସାହେବଙ୍କର ବିଶେଷ ଗୁଣ ଥିଲା । ସର୍ବଦା ସ୍ମିତ ହାସ୍ୟ ମୁଖମଣ୍ଡଳରେ ସାକ୍ଷାତ୍ କୁରଥିଲେ ଏବଂ ନିଜ ଅସୁସ୍ଥତା, ରୋଗ ଓ କଷ୍ଟକୁ ସେ ଲୁଚାଇ ରଖୁଥିଲେ ।

ସଫିର୍ ଅହେମଦ୍ ସାହେବ ନାମକ ଜନୈକ ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି: "ଡାକ୍ତର ସାହେବ ଅସଂଖ୍ୟ ଗୁଣାବଳୀର ଅଧିକାରୀ ଥିଲେ । ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ । ଜଣାଶୁଣା ଖ୍ୟାତି ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଅଲ୍ଲାଃତାଲା ଆପଣଙ୍କ ହସ୍ତରୁ ଅନେକ ରୋଗୀ ଆରୋଗ୍ୟ ଲାଭ ହୋଇଥିଲେ । ଲୋକମାନେ ତାଙ୍କ ଠାରୁ ଚିକିତ୍ସା କରିବା ଉଦ୍ଦେଶ୍ୟରେ ଆସୁଥିଲେ । ଶାରୀରୀକ ଚିକିତ୍ସା ତଥା ଉପଚାର କରିବା ସଙ୍ଗେସଙ୍ଗେ ସେମାନଙ୍କର ଆଧ୍ୟାତ୍ମିକ ଚିକିତ୍ସା ଓ ଉପଚାର ମଧ୍ୟ କରୁଥିଲେ । ସେହି ରୋଗୀମାନଙ୍କୁ ଜମାଅତ୍ ଅହେମଦିୟାର ଶିକ୍ଷା ସହିତ ଅବଗତ ମଧ୍ୟ କରାଉଥିଲେ । ସ୍ୱର୍ଗତ ଗମାଙ୍ଗା ସାହେବ ନମାଜ ଏବଂ ରୋଜାର ନିୟମାନୁବର୍ତ୍ତୀ ଥିଲେ ଓ ତେହଜ୍ଜୁଦ ପାଠକାରୀ ବ୍ୟକ୍ତି ଥିଲେ । ଚାନ୍ଦା ଇତ୍ୟାଦି ଯଥା ସମୟରେ ପୈଠ କୁରଥିଲେ । ଜମାଅତୀୟ କାର୍ଯ୍ୟ ନିମନ୍ତେ ସାଂସାରିକ କାର୍ଯ୍ୟକୁ ପରିତ୍ୟାଗ କରି ଜମାଅତ୍‌ର ସ୍ୱର ଉପରେ ତୁରନ୍ତ ଲବବୈକ୍ (ଉପସ୍ଥିତ ଅଛି) ବୋଲି କହୁଥିଲେ । ଜମାଅତୀୟ ପଦାଧିକାରୀମାନେ ଏବଂ ମୁବଲ୍ଲିଗିନ୍‌ମାନଙ୍କୁ ବହୁତ ସମ୍ମାନ ଜଣାଉଥିଲେ । ନମାଜ୍ ଜୁମାର ବିଶେଷ ରୂପେ ବ୍ୟବସ୍ଥା କରୁଥିଲେ। ସମସ୍ତ କାର୍ଯ୍ୟବ୍ୟସ୍ତତାକୁ ପରିତ୍ୟାଗ କରି ପୋର୍ଟଲୋକୋର ମସ୍‌ଜିଦ୍‌ରେ ନମାଜ ଜୁମା ପାଠ କରିବା ନିମନ୍ତେ ଆସୁଥିଲେ ।"

ଅବ୍‌ଦୁଲ୍ ହଇ କୋରୋମା (Koroma) ସାହେବ ନାଏବ୍ ଅମୀର୍ ସାହେବ କୁହନ୍ତି ଯେ, ଡାକ୍ତର ଗାମାଙ୍ଗା ସାହେବ ସେରାଲିଓନରେ ସ୍ଥାନୀୟ ଭାଷା ମେଣ୍ଡେ (Mende)ରେ ଅନୁବାଦ୍ କରିଥିଲେ (Mende) ସେ ପବିତ୍ର କୁରଆନ୍ କରୀମ୍ କମିଟିର ସଦସ୍ୟ ମଧ୍ୟ ଥିଲେ । ପାଞ୍ଚବେଳା ନମାଜ ପାଠକାରୀ, ତେହଜ୍ଜୁଦ ପାଠକାରୀ ବ୍ୟକ୍ତି ଥିଲେ । ସଠିକ୍ ଅର୍ଥରେ ସେ ଜଣେ ୱକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଥିଲେ । ସରକାରୀ ଡିଉଟି କରିବା ପରେ ଅହେମଦିୟା ହସ୍ପିଟାଲ୍ ଯାଉଥିଲେ । ମଗ୍‌ରିବ୍ ସମୟ ପର୍ଯ୍ୟନ୍ତ ସେଠାରେ ଆପଣ କାର୍ଯ୍ୟ କୁରଥିଲେ ଏବଂ ଏତଦ୍‌ପରେ ମିଶନ ହାଉସ୍ ଚାଲି ଆସୁଥିଲେ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସେ କାମ କୁରଥିଲେ ଏବଂ ଏହା ପରେ ସେ ଘରକୁ ଯାଉଥିଲେ । ତାଙ୍କୁ ଅନେକ ସମୟରେ ସତ୍ୟ ସ୍ୱପ୍ନ ଆସୁଥିଲା ଏବଂ ସେହି ସ୍ୱପ୍ନର ବାସ୍ତବତା ତଥା ସତ୍ୟତା ମଧ୍ୟ ପ୍ରକାଶିତ ହୋଇଯାଉଥିଲା । ସେ କୁହନ୍ତି ଯେ, ଉପସ୍ଥିତ ଖଲିଫାଙ୍କର ମାର୍ଗଦର୍ଶନ ମୁତାବକ ଜମାଅତ୍ ନିମନ୍ତେ 10 ବର୍ଷୀୟ ଶିକ୍ଷା ଯୋଜନା ପ୍ରସ୍ତୁତ କରିଥିଲେ । କାରଣ ଭବିଷ୍ୟତରେ ଜମାଅତ୍ ନିମନ୍ତେ ଅନେକ କର୍ମଚାରୀମାନେ ଉପଲବ୍ଧ ହୋଇପାରିବେ । ମହୋଦୟ କୁହନ୍ତି ଯେ, ନାଏବ୍ ଅମୀର ହିସାବରେ ମୋର ତାଙ୍କ ସହିତ ଘନିଷ୍ଠ ସଂପର୍କ ଥିଲା । ଜମାଅତ୍ ସହିତ ପ୍ରେମ ଓ ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ଏବଂ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା, ପରୋପକାରୀତା, ବିନୀତତା, ଆର୍ଥିକ ବଳିଦାନକାରୀ ଇତ୍ୟାଦି ଅନେକ ସୁଗୁଣାବଳୀ ତାଙ୍କ ଠାରେ ବିଦ୍ୟମାନ ଥିଲା ।

ଅଲ୍‌ମାମୀ ସିସେ ସାହେବ କୁହନ୍ତି ଯେ, ସେ 1989 ମସିହାରେ ଜାମିଅତୁଲ୍ ମୁବଶ୍ଶିରିନ୍ ସେରାଲିଓନ୍‌ରେ ଆଡ଼ମିଶନ ନେଇଥିଲେ । 1991 ମସିହାରେ ଶିକ୍ଷା ସଂପୂର୍ଣ୍ଣ କରିଥିଲେ । ପାଢ ପଢାରେ ମଧ୍ୟ ସେ ଭଲ ନମ୍ବର ରଖିଥିଲେ । ସର୍ବଦା ସର୍ବୋଚ୍ଚ ନମ୍ବର ରଖି ସେ ଉତ୍ତୀର୍ଣ୍ଣ ହେଉଥିଲେ । ତାଙ୍କର ଯେଉଁଠି ପ୍ରଥମ ନିଯୁକ୍ତି ହୋଇଥିଲା ସେହିଠାରେ ହିଁ ସେ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିବା ଆରମ୍ଭ କରି ଦେଇଥିଲେ । ସ୍ୱୟଂ ବ୍ୟକ୍ତଗତ ରୁପେ ପବିତ୍ର କୁରଆନ୍ କରୀମ ମୁଖସ୍ତ କଲେ। ଏତଦ୍‌ପରେ ଗୃହ ଯୁଦ୍ଧ (civil war) ଆରମ୍ଭ ହୋଇଗଲା । ସେରାଲିଓନ୍‌ରେ ନିଯୁକ୍ତ ହୋଇଥିବା ସମସ୍ତ ପାକିସ୍ତାନୀ ମୁବଲ୍ଲିଗିନ୍‌ମାନଙ୍କୁ ସେଠାକୁ ଯିବାକୁ ପଡ଼ିଥିଲା। ଡାକ୍ତର ସାହେବ ଏତଦ୍‌ପରେ ଫ୍ରି ଟାଉନ୍ ଚାଲି ଆସିଲେ ଏବଂ ମିଶ୍‌ନାରୀ କାର୍ଯ୍ୟ କରୁଥିଲେ । ଉକ୍ତ ଅବଧି ମଧ୍ୟରେ କାଏମ୍ ମକାମ୍ (ସ୍ଥାନାପନ୍ନ ବା ପ୍ରତିଷ୍ଠାନିକ) ଅମୀର ମଧ୍ୟ ଆପଣ ରହିଲେ । ଏଠାରେ ମର୍କଜ୍ ପକ୍ଷରୁ ସେରାଲିଓନ୍‌ର ଜମାଅତ୍ ନିମନ୍ତେ କିଛି ଜିନିଷ ପତ୍ର ମଧ୍ୟ ପ୍ରେରଣ କରାଗଲା । ବିଦ୍ରୋହୀମାନଙ୍କୁ ଯେତେବେଳେ ଏଥି ସଂକ୍ରାନ୍ତରେ ସୂଚନା ମିଳିଲା ସେତେବେଳେ ସେମାନେ ମିଶନ୍ ହାଉସ୍ ଉପରେ ଆକ୍ରମଣ କରିଦେଲେ ।

ସେ ଯାହା ହେଉ ଏହି ଲୋକମାନେ ଛାତ ଉପରେ ସିଲିଂ ଭିତରେ ଲୁଚିଗଲେ । କିନ୍ତୁ ବର୍ଣ୍ଣନାକାରୀମାନେ କୁହନ୍ତି ଯେ, ଏହି ନିରୀହ ଲୋକମାନେ ବିଦ୍ରୋହୀମାନଙ୍କ ଆୟତ୍ତକୁ ଚାଲି ଆସିଲେ । ସେମାନେ ଏହି ଲୋକମାନଙ୍କ ମୁଣ୍ଡ ଉପରେ ବନ୍ଧୁକମୁନ ରଖି କହିଲେ, ଆମକୁ ଷ୍ଟୋର ରୁମ୍‌ର ଚାବି ଦେଇଦିଅ । ନହେଲେ ଆମେମାନେ ତୁମମାନଙ୍କୁ ମାରିଦେବୁ । ଅଲ୍‌ମାମୀ ସାହେବ ଯେତେବେଳେ ଏହି ସ୍ଥିତି ଦେଖିଲେ ଯେ, ପ୍ରକୃତରେ ଅତି ଭୟଙ୍କର ସ୍ଥିତି ରହିଛି ଏବଂ ଡାକ୍ତର ମାଙ୍ଗା ସାହେବଙ୍କ ନିକଟରେ ଚାବି ରହିଛି ସେତେବେଳେ ସେ ତୁରନ୍ତ ତଳକୁ ଆସିଲେ ଏବଂ ଡାକ୍ତର ସାହେବଙ୍କ ଠାରୁ ଚାବି ନେଲେ ଏବଂ ବିଦ୍ରୋହୀମାନଙ୍କୁ ଦେଇଦେଲେ । ସେ ଯାହା ହେଉ ବିଦ୍ରୋହୀମାନେ ଷ୍ଟୋର ରୁମ୍‌ରେ ଥିବା ଜିନିଷ ପତ୍ର ମଧ୍ୟରୁ କିଛି ଜିନିଷ ନେଇ ତା'ପରେ ଚାଲିଗଲେ ।

ଖାଲିଦ୍ ମେହମୁଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ଡାକ୍ତର ସାହେବ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ଖିଲାଫତ୍ ସହିତ ତାଙ୍କର ନୈଷ୍ଠିକ ଓ ଆନ୍ତରୀକତାପୂର୍ଣ୍ଣ ସଂପର୍କ ଥିଲା । ସେ ଜଣେ ନୈଷ୍ଠିକ ବ୍ୟକ୍ତି ଥିଲେ । ସମସ୍ତଙ୍କ ପ୍ରତି ସେ ସମ୍ମାନ ପ୍ରଦର୍ଶନ କରୁଥିଲେ । ଜମାଅତ୍ ପ୍ରତି ସମବେଦନା ରଖୁଥିଲେ । ପ୍ରତ୍ୟେକ ଛୋଟ ବଡ଼ଙ୍କ ପ୍ରତି ସେ ସମ୍ମାନ ପ୍ରଦର୍ଶନ କରୁଥିଲେ । ସେମାନଙ୍କ ପ୍ରତି ସେ ସଦ୍‌ବ୍ୟବହାର ପ୍ରଦର୍ଶନ କୁରଥିଲେ । ଜମାଅତ୍‌ର ଉନ୍ନତି ନିମନ୍ତେ ଯଦି କୌଣସି ବ୍ୟକ୍ତି ତାଙ୍କୁ ଉଚିତ୍ ପରାମର୍ଶ ଦେଉଥିଲା ତେବେ ଆପଣ ସେହି ପରାମର୍ଶକ ତୁରନ୍ତ ସ୍ୱୀକାର କରି ନେଉଥିଲେ। ସେ କହୁଥିଲେ ଯେ, ଜମାଅତ୍‌ରେ ଏପରି ନୈଷ୍ଠିକ ବ୍ୟକ୍ତିମାନେ ହେବା ଉଚିତ୍ ଯେଉଁମାନେ ପ୍ରତ୍ୟେକ ମୁହୂର୍ତ୍ତ ଜମାଅତ୍‌ର ଉନ୍ନତି ନିମନ୍ତେ ଉଦ୍ୟମରତ ରହିବେ ।

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday-05 DECEMBER 2024 Issue No. 49

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ପୁନଶ୍ଚ କୁହନ୍ତି ଯେ, ଏପରି ଖୁବ୍ କ୍ୱୋଚିତ ଲୋକମାନଙ୍କୁ ମୁଁ ଦେଖିଛି ଯେଉଁମାନେ ଭୁଲ୍ କୁ ଭୁଲ୍ ଓ ଠିକ୍ କୁ ଠିକ୍ ବୋଲି କୁହନ୍ତି । ଡାକ୍ତର ସାହେବ ଜଣେ ନିର୍ଭୀକ ଓ ଜଣେ ସାହାସୀ ବ୍ୟକ୍ତି ଥିଲେ । ତାଙ୍କର କତ ଶୈଳୀ ଅତ୍ୟନ୍ତ ସୁନ୍ଦର ଥିଲା । କୋମଳ କଣ୍ଠରେ ପ୍ରତ୍ୟେକଙ୍କ ସହିତ କଥା କରୁଥିଲେ । ସବୁ କାମ ଛାଡ଼ି ସେ ନମାଜ୍ ପାଠ କରୁଥିଲେ । ଯଦି କୌଣସି ବ୍ୟକ୍ତି କଟୁ ଭାଷା ପ୍ରୟୋଗ କରୁଥିଲା ତେବେ ସେପରିପ୍ରେକ୍ଷୀରେ ସେ କୋମଳ ଶୈଳୀରେ ଉତ୍ତର ଦେଉଥିଲେ ଏବଂ ତତ୍‌ସହିତ ଏହା ମଧ୍ୟ କହୁଥିଲେ ଯେ, ଅହେମଦିମାନଙ୍କୁ ଏପରି କଟୁ ଭାଷାରେ କଥାବାର୍ତ୍ତା କରିବା ଅନୁଚିତ୍ ଅଟେ ।

ୟୁ.କେର ଲଜ୍‌ନା ଇମାଇଲ୍ଲାଃ ସେରାଲିଓନ୍ ଠାରେ ନିଜର ଏକ ହସ୍ପିଟାଲ୍ ନିର୍ମାଣ କୁରଛନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଏହା ବୃହତ୍ ତଥା ବିଶାଳ ପ୍ରକଳ୍ପ ଅଟେ। ପୂର୍ବତନ ସଦର୍ ଲଜନା ସାହେବା ଡାକ୍ତର ଫରିହା ସାହେବା ପ୍ରକଳ୍ପ ଦେଖିବା ନିମନ୍ତ ଯାଇଥିଲେ । ସେ କୁହନ୍ତି ଯେ, ମୁଁ ଦେଖିଲି ଯେ, ମହୋଦୟ ଅତ୍ୟନ୍ତ ଲୋକମାନଙ୍କର କଲ୍ୟାଣକାରୀ, ପରୋପକାରୀ ତଥା ହିତସାଧନକାରୀ ଅସ୍ତିତ୍ୱ ଥିଲେ । ଯେତେବେଳେ ଲଜ୍‌ନାର ମ୍ୟାଟର୍ନିଟି (ମାତୃତ୍ୱ) ହସ୍ପିଟାଲ ପରିଦର୍ଶନ କରିବା ନିମନ୍ତେ ଗଲି ସେତେବେଳେ ଡାକ୍ତର ସାହେବଙ୍କ ସହିତ ମୋର ସାକ୍ଷାତ୍ ହେଲା । ଲଜ୍‌ନା ହସ୍ପିଟାଲ୍ ସଂକ୍ରାନ୍ତରେ ଅନେକ ବହୁମୂଲ୍ୟ ଏବଂ ଉପାଦେୟ ପରାମର୍ଶ ସେ ପ୍ରଦାନ କରିଥିଲେ ।

ଏତଦ୍‌ପରେ ନିଜ ସରକାରୀ ହସ୍ପିଟାଲ୍ ବୁଲାଇ ଦେଖାଇଲେ । ତାଙ୍କର ମାନବ ସେବାର ଯେଉଁ ଉତ୍ସାହ ରହିଥିଲା ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅସଂଖ୍ୟ ରୋଗୀମାନେ ମହୋଦୟଙ୍କ ନିକଟକୁ ଆସିଥିଲେ । କିନ୍ତୁ ମୁଖମଣ୍ଡଳରେ ସ୍ମିତହାସ୍ୟ ଓ ସହାନୁଭୂତି ବ୍ୟତୀତ ଅନ୍ୟ କିଛି ଉଦିଷ୍ଟ ହେଉ ନଥିଲା। ତାଙ୍କର କର୍ମସାଧାନା ଅତ୍ୟନ୍ତ ବିଚିତ୍ରପୂର୍ଣ୍ଣ ଥିଲା । ତାହାଏହିକି ଯେ, ମୁଁ ନିଜ ଦରିଦ୍ର ଦେଶର ଦରିଦ୍ର ନାଗରିକମାନଙ୍କୁ ସାହାଯ୍ୟ କରିବି । ସେ ଯାହା ହେଉ ତାଙ୍କର ଏହି ଧାରଣା ରହିଥିଲା ଯେ, ମ୍ୟାଟର୍ନିଟି ହସ୍ପିଟାଲ ଯେତେବେଳେ ସେଠାରେ ନିର୍ମାଣ ହୋଇଯିବ ସେତେବେଳେ ତାଙ୍କୁ ସେଠାରେ ନିଯୁକ୍ତ କରାଯିବ । କିନ୍ତୁ ଅଲ୍ଲାଃତାଲାଙ୍କ ନିଜ ନିଜ କାମ ହୋଇଥାଏ ।

ଡାକ୍ତର ଗାମାଙ୍ଗା ସାହେବଙ୍କର ପତ୍ନି କାଦିୟାତା (Kadieyatha) ସାହେବା କୁହନ୍ତି ଯେ, ମୋର ସ୍ୱାମୀ ଜଣେ ସଦାଚାରୀ ବ୍ୟକ୍ତି ଥିଲେ । ସେ ଜଣେ ନୈଷ୍ଠିକ ବ୍ୟକ୍ତି ଥିଲେ ଏବଂ ଜଣେ ପ୍ରାଣୋତ୍ସର୍ଗୀ ଅହେମଦି ଥିଲେ । ସର୍ବଦା ଜମାଅତକୁ ନିଜର ବ୍ୟକ୍ତିଗତ ପ୍ରସଙ୍ଗ ଉପରେ ଅଗ୍ରାଧିକାର ପ୍ରଦାନ କରୁଥିଲେ । ଚକିତ୍ସା ନିମନ୍ତେ ସିନିଗାଲ ଯାଇଥିଲେ । ସିନିଗାଲ ଯିବା ପୂର୍ବରୁ ସେ ମୋତେ କହିଲେ, ଯେ, ଈଶ୍ୱରଙ୍କ ଉପରେ ଆମର ପୂର୍ଣ୍ଣ ବିଶ୍ୱାସ ରହିଛି । ଏହି ସମସ୍ତ ପ୍ରସଙ୍ଗ ଆମର ପ୍ରସଙ୍ଗ ଅଟେ। ଅତଏବ୍ ଯାହା ବି ହୋଇ ଯାଉ ତୁମେ କିନ୍ତୁ ଚିନ୍ତିତ ହେବ ନାହିଁ। ସେ କୁହନ୍ତି ଯେ, ନିଜ ରୋଗୀମାନଙ୍କର ବିଶେଷ କରି ଅହେମଦିମାନଙ୍କର ନିଃଶୁଳ୍କ ଚିକିତ୍ସା କରୁଥିଲେ ଏବଂ ସେମାନଙ୍କର ଯତ୍ନ ନେଉଥିଲେ ।

ସେ କୁହନ୍ତି ଯେ, ମୋର ସ୍ୱାମୀଙ୍କ ମୃତ୍ୟୁ ପରେ ମୋତେ ଅନେକ ସୁଗୁଣାବଳୀ ସଂପର୍କରେ ପରବର୍ତ୍ତୀ ସମୟରେ ଜ୍ଞାତ ହୋଇଥିଲା । ଲୋକମାନେ ସ୍ୱମୀଙ୍କ ସୁଗୁଣାବଳୀର ଚର୍ଚ୍ଚା କରିଥିଲେ । କାଦିୟାତା ସାହେବା କୁହନ୍ତି : "ମୁଁ ସାକ୍ଷ୍ୟ ପ୍ରଦାନ କରୁଛି ଯେ, ମୋ ସ୍ୱର୍ଗତ ସ୍ୱାମୀ ପାଞ୍ଚବେଳା ନମାଜ ପାଠକାରୀ ବ୍ୟକ୍ତି ଓ ନମାଜ୍ ତେହଜ୍ଜୁଦ୍ ପାଠକାରୀ ବ୍ୟକ୍ତି ଥିଲେ । ତାଙ୍କର ଯାହା ବା ଆୟ ହେଉଥିଲା ସେ ସେହି ଆୟରୁ ହିସାବ କରି ନିଜର ଓସିୟତ୍ ଚାନ୍ଦା ପୈଠ କରୁଥିଲେ । ପ୍ରତ୍ୟେକ ବର୍ଷ ରମ୍‌ଜାନ ମାସରେ ପବିତ୍ର କୁରଆନ୍ କରୀମ୍ ଗୋଟିଏ ଥର ସାରୁଥିଲେ (ସମାପ୍ତ କରୁଥିଲେ) ଏବଂ ମୋତେ ମଧ୍ୟ ସାରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ସେ ଜଣେ ଉତ୍ତମ ଓ ଆଦର୍ଶ ସ୍ୱାମୀ ଓ ପିତା ଥିଲେ । ସେ ଆମମାନଙ୍କୁ ସର୍ବଦା ଖୁସି ରଖୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଓ ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କ ରକ୍ଷକ ତଥା ସହାୟକ ହୁଅନ୍ତୁ। **ଆମିନ୍** ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ ଦ୍ୱିତୀୟ ମୃତକ ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ସ୍ୱର୍ଗତା ତାହିରା ନଜିର୍ ବେଗମ୍ ସାହେବା । ତାଙ୍କୁ ତାହିରା ରଶିଦୁଦ୍ଦୀନ୍ ନାମରେ ନାମିତ କରାଯାଏ । ଏହି ନାମରେ ସେ ବୋଲାନ୍ତି । ଆପଣ ଚୌଧୁରୀ ରଶିଦୁଦ୍ଦୀନ ସାହେବଙ୍କର ପତ୍ନି ଅଟନ୍ତି । ବିଗତ ଦିନରେ ତାଙ୍କର ବିୟୋଗ ହୋଇଥିଲା। إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ମୁସିୟା ମହିଳା ଥିଲା । ଅର୍ଥାତ୍ ଓସିୟତକାରୀଣୀ ମହିଳା ଥିଲେ । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା (ଜେଜେ ବାପା) ହ. ଚୌଧୁରୀ ଗୁଲାମ୍ ହୁସେନ୍ ସାହେବ ର.ଅଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ସେହିପରି ତାଙ୍କର ନନା (ଅଜା) ହ. ଗୁଲାମ୍ ହୈଦର୍ ସାହେବ୍ ଧାରିୱାଲ ର.ଅ ଯେକି ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ।

ହୁଜୁର ଅନୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ଚୌଧୁରୀ ରଶିଦୁଦ୍ଦୀନ୍ ସାହେବଙ୍କ ପତ୍ନି ସ୍ୱର୍ଗତା ଶ୍ରୀମତି ନଜିର୍ ବେଗମ ଥିଲେ । ତାଙ୍କର ନିକାହ୍ 1958 ମସିହା ଡିସେମ୍ବର ମାସରେ ହୋଇଥିଲା ଏବଂ ହ. ମୁସଲେହ୍ ମଉଦ୍ ର.ଅଙ୍କ ଉପସ୍ଥିତିରେ ମୌଲାନା ଜଲାଲୁଦ୍ଦୀନ୍ ସାହେବ ଶମଶ୍ ସାହେବ ର.ଅ ତାଙ୍କର ନିକାହ୍ ପାଠ କରିଥିଲେ ଓ ହ. ମୁସଲେହ୍ ମଉଦ୍ ର.ଅ ଦୁଆ କରିଥିଲେ ।

ସ୍ୱର୍ଗତା ନଜିର୍ ବେଗମ୍ ସାହେବା ନିଜ ସ୍ୱପ୍ନର ଚର୍ଚ୍ଚା କରି କୁହନ୍ତି: "ମୋତେ 1940 ମସିହାରେ ମଜ୍‌ଲିସେ ମୁଶାୱରତ୍ (ପରାମର୍ଶ ସଭା) ଯିବା ନିମନ୍ତେ ଟିକଟ ମିଳିଥିଲା। ମୁଁ ପ୍ରତିନିଧି ହୋଇ ଯାଇଥିଲି । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ମଧ୍ୟ ମୁଶାୱିରତରେ ସାମିଲ୍ ଥିଲେ । ମଜ୍‌ଲିସ୍‌ରେ ସାହାବାମାନଙ୍କ ଉପରେ ବିତର୍କ ଚାଲିଥିଲା । ବୟସ ଦୃଷ୍ଟିରୁ କେଉଁ ବ୍ୟକ୍ତିମାନେ ସାହାବିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବେ ଏବଂ କେଉଁମାନେ ଅନ୍ତର୍ଭୁକ୍ତ ହେବେ ନାହିଁ । ସେ କୁହନ୍ତି ଯେ, ଘରକୁ ଆସି ମୁଁ ଅଭିଳିଷିତ ଓ ଉତ୍କଣ୍ଠିତ ହୋଇ କହିଲି ଯେ, ହେ ଅଲ୍ଲାଃ ମିଆଁ ! ମୁଁ ଯଦି ସେହି ସମୟରେ ହୋଇ ଥାଆନ୍ତି ତେବେ ମୁଁ ମଧ୍ୟ ସାହାବିୟାତ୍‌ଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ଯାଇଥାଆନ୍ତି ।

ସେ କୁହନ୍ତି, ଇତି ମଧ୍ୟରେ ମୁଁ ସ୍ୱପ୍ନ ଦେଖିଲି ଏବଂ ସ୍ୱପ୍ନରେ ହ. ମସିହ୍ ମଉଦ୍ ଅ.ସଙ୍କୁ ଦର୍ଶନ କଲି । ହୁଜୁର୍ ପୁରନୁର୍ (ଜ୍ୟୋତିର୍ମୟ/ପ୍ରକାଶବାନ୍) ଅ.ସ ମୋ ଘରର ଡାହାଣ ପାର୍ଶ୍ୱରେ ଶୋଇଛନ୍ତି । ମୁଁ ଆପଣ ଅ.ସଙ୍କ ମୁଣ୍ଡ ପାଖରେ ଯାଇ ଛିଡ଼ା ହୋଇଯାଇଛି । ହୁଜୁର୍ ଅ.ସ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଭାବରେ ମୋ ଆଡ଼କୁ ଚାହିଁଲେ ଏବଂ ପଚାରିଲେ ଯେ, ନଜିରା ବେଗମ୍ କିପରି ଆସିଛ ? ମୁଁ ଉତ୍ତର ଦେଲି ଯେ, ହୁଜୁର୍ ! ମୁଁ ଆପଣ ଅ.ସଙ୍କ ହାତ ଚିପିବାକୁ ଚାହୁଁଛି । ହୁଜୁର ଅ.ସ ନିଜର ଦକ୍ଷିଣ ହସ୍ତ ମୋତେ ଦେଲେ । ଅର୍ଥାତ୍ ଦେଖାଇଲେ ଏବଂ ମୁ ଅନେକ ସମୟ ଧରି ଆପଣ ଅ.ସଙ୍କ ହାତ ଚିପୁଥିଲି ।

ଏତଦ୍‌ପରେ ହୁଜୁର ଅ.ସ ମଗରିବ୍ (ସନ୍ଧ୍ୟାକାଳୀନ ନମାଜ) ନମାଜ ନିମନ୍ତେ ପ୍ରାଙ୍ଗଣକୁ ଚାଲିଗଲେ । ମୁଁ ମଧ୍ୟ ବାହାର ପ୍ରାଙ୍ଗଣକୁ ଯେତେବେଳେ ଗଲି ସେତେବେଳେ ଏହା ଦେଖିଲି ଯେ, ବହୁତ ଭିଡ଼ ହୋଇଯାଇଛି । ଲୋକମାନେ ଝରକା ଏବଂ ବାତାୟନ (ସ୍କାଇଲାଇଟ୍) ଉପରୁ ହୁଜୁର ଅ.ସଙ୍କ ଦର୍ଶନ ନିମନ୍ତେ ଚଢି ଯାଇଛନ୍ତି । ମୁଁ ସେମାନଙ୍କୁ ପଚାରୁଛି ଯେ, ଆପଣ ଲୋକମାନେ କିପରି ଜାଣିବାକୁ ପାଇଲେ ଯେ, ହୁଜୁର ଅ.ସ ମୋ ଘରେ ଅଛନ୍ତି ? ସେମାନେ କହିଲେ, ହୁଜୁର ଅ.ସ ଘରକୁ ଆସିଲେ ଆଉ ଆମେମାନଙ୍କୁ ଖବର ମିଳିବ ନାହିଁ । ଏହା କିପରି ସମ୍ଭବପର ହୋଇ ପାରିବ ? ସ୍ୱର୍ଗତା ନଜିର୍ ବେଗମ୍ ସାହେବା କୁହନ୍ତି, ଚକ୍ ସଇଁତିରିଶି 37ବାଲି ବେଜି (ମହିଳା) ଅଟନ୍ତି ସେ ରୁଟି ସେକୁଥିଲେ । ତେବେ ମୁଁ ତାଙ୍କୁ ଡାକ ମାରି କହିଲି କି ବାଜି ରୁଟି ସେକିବା ଛାଡ଼ି ଦିଅନ୍ତୁ । ହୁଜୁର, ହ. ମସିହ୍ ମଉଦ୍ ଅ.ସ ଆମ ଘରକୁ ଆସିଛନ୍ତି। ଆପଣ ହୁଜୁର ଅ.ସଙ୍କୁ ଆସି ଦେଖନ୍ତୁ । ଏତଦ୍‌ପରେ ମୁଁ କହିଲି ଯେ, ଶୁରାରେ ତ' ଏହା କୁହାଯାଉଥିଲା ଯେ, ହୁଜୁର୍ ଅ.ସଙ୍କୁ ଦେଖିବା ମାତ୍ରେ ବ୍ୟକ୍ତି ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଏ । ମୋ ଘରେ ହୁଜୁର ଅ.ସ ଦୁଇ ଦିନ ଓ ଦୁଇ ରାତ୍ର ଅବସ୍ଥାନ କଲେ । ତେଣୁ ମୁଁ ସାହାବା ର.ଅ ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲି । ସ୍ୱର୍ଗତା କୁହନ୍ତି, ଯେ, ମୁଁ ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ କୃତଜ୍ଞତା କିପରି ଜ୍ଞାପନ କରୁଛି । "

ସ୍ୱର୍ଗତା ନଜିର ବେଗମ୍ ସାହେବାଙ୍କର ସୁପୁତ୍ର ଅଲିମୁଦ୍ଦୀନ୍ ସାହେବ ଯେକି ଆୟରଲ୍ୟାଣ୍ଡରେ ଜାତୀୟ ସଦର (ସଭାପତି) ମଧ୍ୟ ରହିଥିଲେ ସେ ଆଜାକାଲି ଏଠାରେ ଅର୍ଥାତ୍ ଲଣ୍ଡନରେ ରହୁଛନ୍ତି । ସେ କୁହନ୍ତି ଯେ, ଅଲ୍ଲାଃତାଲା ଆମମାନଙ୍କର ମାତାଶ୍ରୀଙ୍କୁ ଅସଂଖ୍ୟ ସୁଗୁଣାବଳୀ ଦ୍ୱାରା ସମ୍ମାନିତ କରିଥିଲେ । ମାତାଶ୍ରୀଙ୍କ ଅନନ୍ୟ ରୂପେ ଈଶ୍ୱରଙ୍କ ସହିତ ସଂପର୍କ ରହିଥିଲା । ଅଲ୍ଲାଃତାଲାଙ୍କ ସହିତ ବ୍ୟକ୍ତିଗତ ପ୍ରେମ ଓ ଆନ୍ତରୀକତାର ସଂପର୍କ ରହିଥିଲା । ଅଲ୍ଲାଃତାଲାଙ୍କ ତରଫରୁ ମାତାଶ୍ରୀଙ୍କ ମଧ୍ୟରେ ଦୁଆ ସ୍ୱୀକାର କରିବାର ବିଶେଷ ଗୁଣାବଳୀ ବିଦ୍ୟମାନ ରହିଥିଲା । ଅର୍ଥାତ୍ ମାତାଶ୍ରୀ ଜଣେ ସ୍ୱପ୍ନଦର୍ଶୀନୀ ମହିଳା ଥିଲେ । ଖିଲାଫତେ ଅହେମଦିୟା ସହିତ ମାତାଶ୍ରୀଙ୍କ ବ୍ୟକ୍ତିଗତ ସଂପର୍କ ଓ ଆନ୍ତରୀକତା ଥିଲା । ଏହି ଆନ୍ତରୀକତା ଓ ପ୍ରେମ ସମଗ୍ର ଜୀବନ ଅନନ୍ୟ ରୂପେ ରହିଥିଲା । ଉକ୍ତ ଉତ୍ସାହ ଏବଂ ସଂପର୍କକୁ ମାତାଶ୍ରୀ ନିଜ ସନ୍ତାନମାନଙ୍କ ମଧ୍ୟରେ ଅବ୍ୟାହତ ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ପୁନଶ୍ଚ ଅବ୍‌ଦୁଲ୍ ଅଲୀମ୍ ସାହେବ କୁହନ୍ତି ଯେ, ବାଲ୍ୟକାଳରେ ଯେଉଁ ଯେଉଁ ବରିଷ୍ଠ ମହାନ ଅସ୍ତିତ୍ୱଙ୍କର ଚର୍ଚ୍ଚା ହେଉଥିଲା ଏବଂ ମାତାଶ୍ରୀ ଯେଉଁ ବ୍ୟକ୍ତିମାନଙ୍କର ଚର୍ଚ୍ଚା କରୁଥିଲେ ସେହି ଅସ୍ତିତ୍ୱମାନଙ୍କୁ ସାଂସାରିକ ଦୃଷ୍ଟିରୁ ଅନନ୍ୟ ମର୍ଯ୍ୟାଦା ପ୍ରାପ୍ତ ହେଉ ନଥିଲା ବରଂ ସେହି ମହାନ ଅସ୍ତିତ୍ୱ ଖଲିଫାମାନେ ହେଉଥିଲେ ।

**(ଅବଶିଷ୍ଟାଂଶ.................ପରବରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan